
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୨ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 August 2024

Vol.No. 35 ■ No.217 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଂଲାଦେଶ ହିଂସା ପଛରେ ଆମେରିକା: ଶେଖ ହସିନା



ନୂଆଦିଲ୍ଲୀ, ୧୧/୮ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ନିଜ ସରକାରର ପତନ ପଛରେ ଆମେରିକାର ହାତ ଥିବା ଦାବି କରିଛନ୍ତି । ହସିନା ଅଭିଯୋଗ କରିଛନ୍ତି କି, ଆମେରିକାକୁ ସେଣ୍ଟ ମାର୍ଟିନ୍ ଦ୍ୱୀପ ହସ୍ତାନ୍ତର ନକରିବା କାରଣରୁ ଆମେରିକା ଷଡଯନ୍ତ୍ର କରି ତାଙ୍କ ସରକାରକୁ ଭାଙ୍ଗିଦେଇଛି । ଏହି ଦ୍ୱୀପ ପଶ୍ଚିମବଙ୍ଗ ନିକଟବର୍ତ୍ତୀ ଓ ଏହି ଦ୍ୱୀପକୁ ଆମେରିକା ଦଖଲକରି ଭାରତରେ ତାର ପ୍ରଭୁତ୍ୱ ଜାହିର କରିବାକୁ ଚାହୁଁଥିବା କଥା ହସିନା କହିଛନ୍ତି । ଏହାସହ ଶେଖ ହସିନା ବାଂଲାଦେଶୀ ନାଗରିକମାନଙ୍କୁ କଠୋରପନ୍ଥୀଙ୍କ କଥାରେ ଭାସି ନଯାଇ ଦେଶରେ ଶାନ୍ତି ରକ୍ଷା କରିବାକୁ ଅନୁରୋଧ କରିଛନ୍ତି । ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ ନିଜ ନିକଟତମ ବନ୍ଧୁଙ୍କ ସହ ▶▶ପୃଷ୍ଠା ୭

## ମମତାଙ୍କ ସହ କଥା ହେଲେ ମୋହନ: ଆଳୁ ଯୋଗାଣ ସ୍ୱାଭାବିକ କରିବାକୁ କଲେ ଅନୁରୋଧ



ଭୁବନେଶ୍ୱର, ୧୧/୮ (ନି.ପ୍ର): ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ କରିବାକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆଜି ଟେଲିଫୋନ ଯୋଗେ ମମତା ବାନାର୍ଜୀଙ୍କ ସହିତ ଆଲୋଚନା କରି ଆଳୁ ଯୋଗାଣ ସମସ୍ୟା ଦୂର କରିବାକୁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ଆଲୋଚନା ହେବା ପରେ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ ହୋଇଥିଲା । ମାତ୍ର କିଛିଦିନ ପରେ ପୁଣି ଆଳୁ ଯୋଗାଣରେ ସମସ୍ୟା ସୃଷ୍ଟି ହୋଇଥିବା କହିଛନ୍ତି ମୋହନ ମାଝୀ । ଏଥିପ୍ରତି ଧ୍ୟାନ ଦେଇ ସମସ୍ୟା ଦୂର କରିବାକୁ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅନୁରୋଧ କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ▶▶ପୃଷ୍ଠା ୭






## ସାମ୍ନାକୁ ଆସିଲା ନୂଆ ତଥ୍ୟ: ପାଣ୍ଡିଆନଙ୍କ ପାଇଁ ବଢ଼ିଲା ଅଡୁଆ



ଭୁବନେଶ୍ୱର, ୧୧/୮ (ନି.ପ୍ର): ଭୁବନେଶ୍ୱରରୁ ୨୦ରୁ ୨୫ କିଲୋମିଟର ଦୂର, ଖୋର୍ଦ୍ଧା, ପିପିଲି ଓ କଟକ ଯିବାକୁ ବି ହେଲିକପ୍ଟର ବ୍ୟବହାର କରୁଥିଲେ ପାଣ୍ଡିଆନ। ଆଉ ଏଥିପାଇଁ ରାଜକୋଷରୁ ଖର୍ଚ୍ଚ ହେଉଥିଲା ପାଣି ଭଳି ଟଙ୍କା । ବଡ଼ କଥା ହେଲା ଏ ବାବଦରେ କେତେ ଖର୍ଚ୍ଚ ହୋଇଛି ସେ ହିସାବ ବି ସରକାରୀ ଖାତରେ ନାହିଁ। ତେଣୁ ଏହାର ତଦନ୍ତ ପାଇଁ ପରିବହନ ମନ୍ତ୍ରୀଙ୍କ ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏପଟେ ସାମ୍ନାକୁ ଆସିଛି ନୂଆ ତଥ୍ୟ। ମାତ୍ର ୩ଟି ନିର୍ବାଚନ ମଣ୍ଡଳୀରେ ୧୮ଟି ହେଲିପ୍ୟାଡ୍ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଖର୍ଚ୍ଚ କରିଛି ୭୫ ଲକ୍ଷ ଟଙ୍କା।ପାଣ୍ଡିଆନଙ୍କ ପାଇଁ ବଢ଼ିଲା ଅଡୁଆ ! ହେଲିକପ୍ଟର ଉଡ଼ାଣ ଆଉ ହେଲିପ୍ୟାଡ୍ ନିର୍ମାଣ ବାବଦରେ କେତେ ହୋଇଛି ଖର୍ଚ୍ଚ ? ପରିବହନ ମନ୍ତ୍ରୀଙ୍କ ପରେ ତଦନ୍ତ ନିର୍ଦ୍ଦେଶ ଦେଲେ ପୂର୍ବତନ ମନ୍ତ୍ରୀ? ହେଲିପ୍ୟାଡ୍ ନିର୍ମାଣ ପାଇଁ କିଏ ଦେଉଥିଲା ଅନୁମତି ? କିଏ ନିର୍ମାଣ କରୁଥିଲା ? ଏଥି ପାଇଁ କେଉଁ ବିଭାଗ ଖର୍ଚ୍ଚ କରୁଥିଲା ? ▶▶ପୃଷ୍ଠା ୭

## ମଙ୍ଗଳବାର ଓ ବୁଧବାର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା !

ଭୁବନେଶ୍ୱର, ୧୧/୮ (ନି.ପ୍ର): ଆସନ୍ତାକାଲି ମଙ୍ଗଳବାର ଓ ବୁଧବାର ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏଥିସହ ବଜ୍ରପାତ ଓ ଘଡ଼ିଘଡ଼ି ମଧ୍ୟ ହେବାର ସମ୍ଭାବନା ରହିଛି। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ଅର୍ଥାତ ସୋମବାର ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲା କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଝାରସୁଗୁଡ଼ା ଜିଲ୍ଲାରେ ବଜ୍ରପାତ ସହ ଘଡିଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ଓ ବୁଧବାର ରାଜ୍ୟର ଅଧିକାଂଶ ▶▶ପୃଷ୍ଠା ୭

## ୧୩ ତାରିଖକୁ ରହିଲା ଭିନେଶ ଫୋଗଟଙ୍କ ରାୟ

ନୂଆଦିଲ୍ଲୀ, ୧୧/୮ :ମହିଳା କୁସ୍ତିରେ ଭାରତର ରେସଲର ଭିନେଶ ପୋଗାଟଙ୍କୁ ରୌପ୍ୟ ପଦକ ଦେଇ ଆଶା ଉଜ୍ଜିବିତ ରହିଛି। କୋର୍ଟ ଅଫ୍ ଆର୍ବିଟ୍ରେସନରେ ଶୁଣାଣି ସରିଥିବା ବେଳେ ୧୩ ତାରିଖରେ ରାୟ ପ୍ରକାଶ ପାଇବ। ଭିନେଶଙ୍କୁ ଯୁଗୋଳ ରୌପ୍ୟ ପ୍ରଦାନ ପାଇଁ ସିଏଏସ୍‌ରେ ଭାରତ ପକ୍ଷରୁ ଆବେଦନ କରାଯାଇଛି । ତେବେ ଏହି ରାୟ ବିନେଶଙ୍କ ସପକ୍ଷରେ ଆସିବା ନେଇ ନୂଆ ଆଶା ଦେଖାଦେଇଛି । ଭିନେଷଙ୍କ ପାଇଁ ଭାରତ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲଭେ କୋର୍ଟରେ ଯୁକ୍ତି ବାଢ଼ିଥିବା ବେଳେ ଭାରତ ସପକ୍ଷରେ ମତ ଆସିବା ନେଇ ସେ ଆଶାବାଦୀ ଥିବା କହିଛନ୍ତି। ସେପଟେ କୋର୍ଟ ଅଫ୍ ଆର୍ବିଟ୍ରେସନରେ ▶▶ପୃଷ୍ଠା ୭

# ବିଶ୍ୱ ଜନଜାତି ଦିବସ ପାଳନ

କୋରପୁଟ , ୧୧/୦୮ (ନି.ପ୍ର): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବିଶ୍ୱ ଜନଜାତି ଦିବସ ପାଳନ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଜନଜାତି ଯୁବକମାନଙ୍କୁ ସଶକ୍ତ କରିବା ଏବଂ ଇକୋ-ଟୁରିଜିମ୍ ରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଏହି କାର୍ଯ୍ୟକ୍ରମର ଶୀର୍ଷକ ରହିଥିଲା । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଷ୍ଣୁ ଚରଣ ବାରିକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର ପ୍ରିନ୍ସିପାଲ ପ୍ରଫେସର ଶାରଦା ଘୋଷ ଯୋଗ ଦେଇଥିଲେ। ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ, ଆଦିବାସୀ ବିକାଶ ପରିଷଦର ଉପଦେଷ୍ଟା ତଥା ନେତାଜୀ ସୁଭାଷ ଜନ୍ମ ଭୂମି ଯାତ୍ରାର ଆବାହକ ଦେବୀ ପ୍ରସାଦ ପୃଷ୍ଟି, ସାମାଜିକ କର୍ମୀ ଜି ଜନ୍, ଉଦ୍ୟୋଗୀ ତଥା ସାମାଜିକ କର୍ମୀ ଯୁଗବ୍ରତ କର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ଓ ସିୟୁଓର ଆସୋସିଏଟ୍ ପ୍ରଫେସର ନିର୍ଝରୀଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଟ୍ ପ୍ରଫେସର ତଥା କାର୍ଯ୍ୟକ୍ରମର ସଂଯୋଜକ ଡ. କପିଳ ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେବା ସହ ସେମିନାର ଆୟୋଜନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍ ଘାଟନୀ ଉତ୍ସବରେ ଅଧକ୍ଷତା କରି ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ଅଞ୍ଚଳର ଲୋକଙ୍କ ସାମାଜିକ-ଅର୍ଥନୈତିକ ମାନ ବିକାଶ ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। କୋରାପୁଟ ଇକୋ ଟୁରିଜିମ୍ ପାଇଁ ଉପଯୁକ୍ତ ଏକ ସୁନ୍ଦର ସ୍ଥାନ ଯେଉଁଠାରେ ସ୍ଥାନୀୟ ଆଦିବାସୀ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେଉଛି ସ୍ଥାନୀୟରୁ ବିଶ୍ୱସ୍ତରୀୟ ମାଧମ ଏବଂ କୋରାପୁଟର ସାମର୍ଥ୍ୟକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ଇକୋ ଟୁରିଜିମ୍ ଓ ରୋଜଗାର ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ସେମିନାର ର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ଭବିଷ୍ୟତରେ ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶାର ଅର୍ଥନୈତିକ ପ୍ରଗତିରେ ଅଗ୍ରଣୀ ଯୋଗଦାନ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ପୂର୍ବତନ ଟାଗୋର ଜାତୀୟ ଫେଲୋ, ପ୍ରଫେସର ବାରିକ କୋରାପୁଟରେ ପରିବେଶ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କୋରାପୁଟ ପର୍ଯ୍ୟଟନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଥିବାବେଳେ ଏହାର ଉପଯୁକ୍ତ ବିକାଶ ହେଲେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ସ୍ଥାନିତ କରାଯିବ। ବିକାଶ ପ୍ରକ୍ରିୟାରେ ଗ୍ରାମୀଣ ଯୁବକଯୁବତୀଙ୍କୁ ନିୟୋଜିତ କରି ଏହା କରାଯାଇପାରିବ। କୋରାପୁଟର ପର୍ଯ୍ୟଟନ ଅଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟକମାନେ କୋରାପୁଟ ଗନ୍ତବ୍ୟସ୍ଥଳର ରାଷ୍ଟ୍ରଦୂତ ହୋଇପାରିବେ ବୋଲି ସେ କହିଛନ୍ତି। ଶ୍ରୀ ପାଙ୍ଗୀ କୋରାପୁଟର ବିକାଶର ବିଭିନ୍ନ ଅନୁଭୂତି ଉପରେ ଆଲୋକପାତ କରିବା ସହ ସହଯୋଗ ଅଭାବରୁ କୋରାପୁଟର ସୁନ୍ଦର ସ୍ଥାନ ପର୍ଯ୍ୟଟନସ୍ଥଳୀ ଭାବେ ଲୋକପ୍ରିୟ ହୋଇପାରୁନାହିଁ ବୋଲି କହିଥିଲେ। ଶୃଙ୍ଖଳିତ ଯୋଜନା କରାଗଲେ କୋରାପୁଟକୁ କୁଲୁ ଓ ମନାଲି ଭଳି ବିକଶିତ କରାଯିବ। କୋରାପୁଟରେ ଇକୋ ଟୁରିଜିମ୍ ର ବିକାଶ ହେଲେ ସ୍ଥାନୀୟ ଯୁବପିଢ଼ି ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ଘୋଷ କହିଥିଲେ ଯେ ଗ୍ରାମୀଣ ଯୁବକମାନଙ୍କୁ ଆତିଥ୍ୟ କ୍ଷେତ୍ରରେ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ଉଚିତ ଏବଂ ଆମ ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ସହାୟତାରେ କୋରାପୁଟ କ୍ଷେତ୍ରରେ ପର୍ଯ୍ୟଟନ ବୃଦ୍ଧି କରିବାରେ ସହାୟକ ହେବ । ପର୍ଯ୍ୟଟନ ବିକାଶ ପାଇଁ ସ୍ଥାନୀୟ ଭାଷା, ସ୍ଥାନୀୟ ସଂସ୍କୃତି ଓ ସ୍ଥାନୀୟ ଖାଦ୍ୟକୁ ଗୁରୁତ୍ୱ ଦିଆଯିବା ଦରକାର।

# ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ: ଶତ ପ୍ରତିଶତ ସଫଳତା ପାଇଁ ଆଗେଇ ଆସିବାକୁ ଆହ୍ୱାନ

ସୁବର୍ଣ୍ଣପୁର, ୧୧/୦୮ (ନି.ପ୍ର): ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଜିଲ୍ଲାରେ ୧୦ରୁ ୧୯ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆଜି ସକାଳେ ଜିଲ୍ଲାପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀ, ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଙ୍କ ଦ୍ୱାରା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଭା ତରଫରୁ ଜିଲ୍ଲାର ତରଭାବ୍ଲକ ତରଭା ସହର ସ୍ଥିତ ରଥପଡା ନବଜ୍ୟୋତି କ୍ଲବ ପରିସରରେ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦୁର୍ଗାଦତ ଦାସ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସ୍ୱାସ୍ଥ୍ୟ ଅଧିକାରୀ ସିଏଚସି ଡାକ୍ତର କ୍ଷୀରୋଦ୍ର କୁମାର ମିଶ୍ର , ଡିପିଏମ୍ଏନ୍ଏଚ୍ଏମ୍ ବିଶ୍ୱମ୍ଭର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳତା ପାଇଁ ଅତିଥି ବୃନ୍ଦ ଗୁରୁତ୍ୱାରୋପ କରିବା ସହ ସମସ୍ତେ ନିଶ୍ଚୟ ଔଷଧ ଖାଇବା ଓ ଜିଲ୍ଲାକୁ ଫାଲେଇରିଆ ମୁକ୍ତ କରିବାକୁ ଆହ୍ୱାନ ଦେଇ ଜିଲ୍ଲାର କେହି ଜଣେ ବି ଯୋଗ୍ୟ ଲୋକ ଯେପରି ବାଦ ନପଡ଼ିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ତତ୍ସହିତ ତରଭା ଅଂଚଳରେ ଏହି ଫାଇଲେରିଆ ସଂକ୍ରମଣ ବିଶେଷ ରହିଥିବାରୁ ଅଂଚଳରେ ସମସ୍ତ ଯୋଗ୍ୟ ବ୍ୟକ୍ତି ଏହି ସାମୁହିକ ଔଷଧ ସେବନ କରି କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଗୁରୁତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ। ରୋଗର ଲକ୍ଷଣ, ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥା ଉପରେ ଡ ସ୍ୱାଇଁ ସୂଚୀତ କରିଥିଲେ। ଏହି ଔଷଧ ସେବନ ଦ୍ୱାରା କୌଣସି ବି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ସ୍ପଷ୍ଟ କରିବା ସହ ସମସ୍ତ ଯୋଗ୍ୟ ବ୍ୟକ୍ତି ସମ୍ପୃକ୍ତ ନିଜ ନିଜ ଅଂଚଳରେ ସ୍ୱାସ୍ଥ୍ୟ କର୍ମୀଙ୍କ ଠାରୁ ନିଶ୍ଚିତ ଭାବେ ଔଷଧ ଖାଇବାକୁ କହିଛନ୍ତି। ଆମ ଜିଲ୍ଲାରେ ଅଗଷ୍ଟ ୧୦ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଏହି ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲୁରହିବ । ଆଜି ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ସଭାପତି ନବଜ୍ୟୋତି କ୍ଲବ ତରଭା, ଅଙ୍ଗନୱାଡି କର୍ମୀ , ଆଶା ଦିଦି, ବିଭାଗୀୟ ଅଧିକାରୀ, ଜିଲ୍ଲାର ବରିଷ୍ଠ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ରହି ସାମୁହିକ ଔଷଧ ସେବନ କରିଥିଲେ। ଡିପିଏମ ବେହେରା କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବାବେଳେ ଜିଲ୍ଲା ସଂଯୋଜକ ଫାଇଲେରିଆ ଜବକିମ୍ବନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଶ୍ରୀ ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅତିଥି ବୃନ୍ଦ ସାମୁହିକ ଔଷଧ ସେବନ କରିଥିବାବେଳେ ଦୁଇଜଣ ଶିଶୁଙ୍କୁ ଅତିଥି ବୃନ୍ଦ କୃମିନାଶକ ଔଷଧ ସେବନ କରାଇଥିଲେ।

# ମାୟାବର୍ହାଠାରେ ଚଳିତ ବର୍ଷର ଦ୍ୱିତୀୟ ଶିକ୍ଷକ ଓ ଅବିଭାବକ ବୈଠକ

ସୁବର୍ଣ୍ଣପୁର, ୧୧/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ଚଳିତ ବର୍ଷର ଦ୍ୱିତୀୟ ଶିକ୍ଷକ ଓ ଅବିଭାବକ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଭିଭାବକ ଓ ଶିକ୍ଷକଙ୍କୁ ଏହି ଶିକ୍ଷା ବର୍ଷରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବୋର୍ଡ ପରୀକ୍ଷାରେ କିଭଳି ଭଲ ରେଜଲ୍ଟ କରିବେ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର, ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ପୂଜାରୀ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀରାମ ସିକନ୍ଦର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଅବିଭାବକ, ଅବିଭାବିକା ମାନଙ୍କୁ ଛାତ୍ରଛାତ୍ରୀ ମାନଙ୍କୁ ଉଚିତ୍ ମାର୍ଗଦର୍ଶନରେ ସେମାନଙ୍କର ଭୂମିକା ବିଷୟରେ ଅବଗତ କରାଇଥିଲେ । ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ସହ ଆଜିକାର ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଦଶମ ଶ୍ରେଣୀର ଛାତ୍ରୀ ଜନାନିକା, ଲିସା, ଶୁଭଶ୍ରୀ, ପ୍ରୀତି, ରେଖା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅର୍ଚ୍ଚିତା ପ୍ରଧାନ ବିଦ୍ୟାଳୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଅବିଭାବକ ମାନଙ୍କ ମଧ୍ୟରୁ ଚକାମନ ସାହୁ, ପ୍ରମୋଦିନୀ ଯୁଆଡି ପ୍ରମୁଖ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ । ଶେଷରେ ଆଲୁମିନି ସଦସ୍ୟ କିରଣ କୁମାର ପୁଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସଞ୍ଜୀବ, ଲିପି, ସୁରଜ୍, ସମୀର, ମିନିକେତନ ଓ କିଶୋର ପଟେଲ ସହଯୋଗ କରିଥିଲେ ।

# ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଚମ୍ପୁଆ ଗସ୍ତ

ଚମ୍ପୁଆ, ୧୧/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଗସ୍ତ ରେ ଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଆଜି ଚମ୍ପୁଆ ଗସ୍ତ ରେ ଆସି ଚମ୍ପୁଆ ସଦର ମହକୁମା ସ୍ଥିତ ନିକୋଲସନ୍ ବନବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଯୋଡା ଖଣି ମଣ୍ଡଳ କୁ ଯିବା ଅବସର ରେ ସେ ବନବିଦ୍ୟାଳୟ ପରିଦର୍ଶନ ରେ ଆସିଥିଲେ । ସେଠାରେ ତାଙ୍କୁ ଡିଏଫଓ ଡିଡି ହନୁମନ୍ତ, ଚମ୍ପୁଆ ରେଞ୍ଜ ଅଧିକାରୀ ( ପ୍ରୋବେଶନ) ଆଇଏଫଏସ କେ ନାଗାରଜୁ ଓ ବନବିଦ୍ୟାଳୟ ଅଧକ୍ଷ ଡିସିଏଫ ଶ୍ରୀକାନ୍ତ ନାଏକ ପ୍ରମୁଖ ସ୍ୱାଗତ କରିଥିଲେ। ବନବିଦ୍ୟାଳୟ ର ପ୍ରଶିକ୍ଷାର୍ଥୀ ଛାତ୍ର ଛାତ୍ରୀ ମାନଙ୍କ ର ପ୍ୟାରେଡ ଅଭିବାଦନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣ ରେ ଜଙ୍ଗଲ ମନ୍ତ୍ରୀ ଦେଶ ତଥା ରାଜ୍ୟ ରେ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ସରକାର ବିକାଶ ମୂଳକ ଯୋଜନା ଓ ଜନକଲ୍ୟାଣ ମୂଳକ କାର୍ଯ୍ୟ କରୁଛନ୍ତି। ତେବେ ଉନ୍ନତି ଓ ଜନକଲ୍ୟାଣ ସହିତ ପରିବେଶ ସନ୍ତୁଳନ ପ୍ରତି ସରକାର ଧ୍ୟାନ ଦେଉଛନ୍ତି । ପରିବେଶ ଓ ଜୀବଜଗତ ସୁରକ୍ଷା ରେ ସମସ୍ତ ନାଗରିକ ଙ୍କ ଗୁରୁଦାୟିତ୍ୱ ଅଛି। ସମସ୍ତେ ଜାଗୃତ ହେଲେ ପରିବେଶ ସୁରକ୍ଷିତ ରହିପାରିବ ବୋଲି ସେ କହିଥିଲେ । ଏହି ଅବସର ରେ ସେ ବନ ବିଦ୍ୟାଳୟ ପରିସରରେ 'ମାଆ ପାଇଁ ଗଛ' ଟିଏ ପରିପ୍ରେକ୍ଷୀରେ ଏକ ନିମ୍ବ ଚାରା ରୋପଣ କରିଥିଲେ । ଏଥି ସହିତ ବନବିଦ୍ୟାଳୟ ର ପ୍ରଶିକ୍ଷାର୍ଥୀ ଛାତ୍ର ଛାତ୍ରୀ ମାନଙ୍କ ତାଲିମ ସମ୍ପର୍କରେ ସେମାନଙ୍କ ସଙ୍ଗେ ଆଲୋଚନା କରିଥିଲେ। ଚଂପୁଆ ବନ ଅଧିକାରୀ ଅକ୍ଷୟ ଛତ୍ରିୟା , ଏସିଏଫ ଅଶୋକ କୁମାର ଦାସ , ସୁରେନ୍ଦ୍ର ହେମ୍ବ୍ରମ୍, ଜିତେନ୍ଦ୍ର ବେହେରା , ଡିସିଏଫ ରବିନ କିସ୍କୁ , ମୋହନ ହେମ୍ବ୍ରମ୍, ଚଂପୁଆ ବନପାଳ ନଗେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟର ୪୬ତମ ସ୍ୱନକ୍ଷତ୍ର ଦିବସ

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଠାରେ ଥିବା ତୁଳସୀ ମହିଳା ମହା ବିଦ୍ୟାଳୟ ର ୪୬ ତମ ସ୍ୱନକ୍ଷତ୍ର ଦିବସ କଲେଜର ଅଧକ୍ଷ ପ୍ରଫେସର ରଂଜିତ ରଂଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱନକ୍ଷତ୍ର ଦିବସ ରେ ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଷ୍ଠା ଓ ଏକଗ୍ରତାର ସହ ସାଧନା କରି ନିଜର ଲକ୍ଷ୍ୟ ସ୍ଥଳରେ ପହଁଚି ହେବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପ୍ରଫେସର ନନ୍ଦ କିଶୋର ପରିଡା, ପରିଚାଳନା ସମିତି ର ସଭାପତି ଡ଼ଃ ଅମୀୟ କୁମାର ମହାନ୍ତି, ଅଧ୍ୟାପକ ଅଜୟ ସାମଲ ପ୍ରମୁଖ ଯୋଗଦେଇ ବିଭିନ୍ନ ବିରୋଧାଭାସ ମଧ୍ୟରେ ସମନ୍ୱୟ ରଖି ପାରିଲେ ଜୀବନ ସଫଳ ହୋଇପାରିବ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶୈକ୍ଷିକ ଅଧିକାରି ଡ଼ଃ ମଥୁରୀ ଚରଣ ନାୟକ ବିବରଣୀ ପାଠ କରିଥିବାବେଳେ ଶିକ୍ଷାବିତ୍ ଭଗବାନ ପତ୍ରୀ, ସଂଯୋଜିକା ଡ଼ଃ ସୁଜାତା ମହାନ୍ତି, ଅଧାପିକା ଡ଼ଃ ମମତା ସାହୁ, ଅଧାପକ ଡ଼ଃ ଶକ୍ତି ଶେଖର ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ପ୍ରଫେସର ଜ୍ୟୋସ୍ନାମୟୀ ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ମହାବିଦ୍ୟାଳୟ ର ୨୧ ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ (ଏସଏମସି) / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ (ଏସ୍ଏମ୍ଡ଼ିସି) ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାରେ ସମସ୍ତ ସଭ୍ୟ ଓ ଅଭିଭାବକ ଯୋଗ ଦେଇଥିଲେ। ଆଜିର ବୈଠକରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ନିରାପତା ବ୍ୟବସ୍ଥା, ଅନଲାଇନ୍ ସୁରକ୍ଷା ଓ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୨୪, ବିଦ୍ୟାଳୟର ୟୁଥ୍ ଏବଂ ଇକୋ କ୍ଲବ୍ ଗଠନ, ଛାତ୍ରଛାତ୍ରୀମାନଙ୍କୁ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା, ବେଟି ବଚାଓ ବେଟି ପଢ଼ାଓ, କୈଶୋର ଛାତ୍ରୀମାନଙ୍କ ପାଇଁ ଇନସିନେରେଟର ଓ ଭେଣ୍ଡିଂ ମେସିନର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ବାଇକ ଦୁର୍ଘଟଣା ପରେ ବନ୍ଧୁକ ଦେଖାଇ ଧମକ

ଜୟପୁର, ୧୧/୦୮ (ନି.ପ୍ର): ଜୟପୁର ଦୈନିକ ବଜାର ନିକଟରେ ଆଜି ଅପରାହ୍ନ ୨ଟାରେ ଦୁଇଟି ବାଇକ ଦୁର୍ଘଟଣା ହୋଇଥିଲା । ଏହାକୁ ନେଇ ବଚଶା ହୋଇଥିଲା । ବାଇକ ଆରୋହୀ ଜଣକ ଅନ୍ୟ ଜଣକୁ ବନ୍ଧୁକ ଦେଖାଇ ଧମକ ଦେଇଥିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିବା ବିଷୟ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ସିନ୍ଧିଗୁଡା ପୋଲ ଦୁଇପାଖ ରାସ୍ତା ମରାମତି ପାଇଁ ଧାରଣା

ମାଲକାନଗିରି, ୧୧/୦୮ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ପରକନମାଲା ଗ୍ରାମ ପଂଚାୟତର ସିନ୍ଧିଗୁଡା ଗ୍ରାମ ନିକଟରେ ଥିବା ପୋଲଟିର ଦୁଇପାଖ ଚଳିତ ବର୍ଷାରେ ଧୋଇ ଯାଇଥିଲା ଓ ଯେହେତୁ ଏହା ମାଲକାନଗିରି ସଦର କୁ ଯିବା ପାଇଁ ଏକ ମୁଖ୍ୟ ସଡ଼କ ମାର୍ଗ ହୋଇଥିବାରୁ ଯାତାୟାତ ରେ ବାଧା ଉପୁଜିଥିଲା। କିଛି ଦିନତଳେ ଗ୍ରାମବାସୀଙ୍କ ଦାବି ଓ ମିଡ଼ିଆର ପ୍ରଭାବରେ ଉକ୍ତ ଠିକାଦାର ତରବରିଆ ଭାବେ ଉକ୍ତ ପୋଲର ଦୁଇପାଖ ରାସ୍ତା ମରାମତି କରିଥିଲେ କିନ୍ତୁ ପରବର୍ତୀ ଅବସ୍ଥାରେ ତାହା ମଧ ଧୋଇ ହୋଇ ଖାଲଖମା ହୋଇଯାଇଛି । ଏହାର ପ୍ରତିବାଦରେ ଆଜି ପୋଡଘାଟା ଗ୍ରାମ ପଂଚାୟତ ର ପୁର୍ବତନ ସମିତି ସଭ୍ୟ ଓ ଜଣେ ବିଶିଷ୍ଟ ସମାଜବାଦୀ ଶ୍ରୀ ଲବ କର୍ଲିଆ ଧାରଣରେ ବସିଥିଲେ । ସେ ଦାବି ଉପସ୍ଥାପନ କରିଥିଲେ ଯେ ଯେତେ ପର୍ଯ୍ୟନ୍ତ ଉକ୍ତ ପୋଲର ଦୁଇପାଖ ମରାମତି ନ ହୋଇଛି ସେ ଏମିତି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିବେ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟର ଠିକାଦାର ଜଣଙ୍କ ଜେସିବି ସାହାଯ୍ୟରେ ରାସ୍ତା ଦୁଇପାଖରେ ବାଲି ପକାଇ ସମତୁଲ କରିଥିବା ଜଣାପଡିଛି । ଏକୁଟିଆ ଧାରଣାରେ ବସି ଶ୍ରୀ କର୍ଲିଆ, ଉକ୍ତ ରାସ୍ତା ମରାମତି କରିବା ପାଇଁ ଠିକାଦାରଙ୍କୁ ମଜବୁର୍ କରିଥିବାରୁ ସିନ୍ଧିଗୁଡା ଅଞ୍ଚଳବାସୀ ପ୍ରସଂଶା କରିଛନ୍ତି । ବର୍ତ୍ତମାନ ଦେଖିବାକୁ ବାକି ରହିଲା 'ସଡ଼କ ଓ ପୋଲ ନିର୍ମାଣ ବିଭାଗ' କେବେ ଉକ୍ତ ପୋଲର ସମ୍ପୂର୍ଣ୍ଣ ମରାମତି କରୁଛି ।

# ଗୀତା ହିଁ ମାନବଧର୍ମର ପରିପ୍ରକାଶକ: ବାର୍ଷିକ ଗୀତା ଆଲୋଚନାଚକ୍ର ଅନୁଷ୍ଠିତ

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଇଂଟରନ୍ୟାସନାଲ ଗୀତା ମିଶନ ପକ୍ଷରୁ ଏକ ଦୁଇଦିନିଆ "ଗୀତା ଓ ମାନବଧର୍ମ" ଶୀର୍ଷକ ଆଲୋଚନାଚକ୍ର ଶନିବାର ସନ୍ଧ୍ୟାରେ ବୁଦ୍ଧମନ୍ଦିର ସଭାଗୃହଠାରେ ଉଦ୍ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରି ଗୀତା ମିଶନର ସଭାପତି ଡଃ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ଗୀତା ଏକ ଧର୍ମଶାସ୍ତ୍ର ନୁହେଁ, ଏହା ସମଗ୍ର ବିଶ୍ୱର ମନୁଷ୍ୟ ସମାଜର ମାନବୀୟ ସମ୍ବିଧାନ ଅଟେ। ସମଗ୍ର ବିଶ୍ୱକୁ ମାନବଧର୍ମର ଭାବନା ସହିତ ସାମିଲ୍ କରିବା ଗୀତା ଆମକୁ ଶିକ୍ଷା ପ୍ରଦାନ କରିଛନ୍ତି। ଗୀତା ହିଁ ମାନବଧର୍ମର ବାସ୍ତବ ପରିପ୍ରକାଶକ ଅଟନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଆର୍ଯ୍ୟସମାଜ ଓଡ଼ିଶାର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଯୋଗେଶ୍ୱର ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ ଅର୍ଜୁନଙ୍କୁ ଯେଉଁ ଉପଦେଶ ଦେଇଛନ୍ତି ତାହା ଆଜିର ସମାଜରେ ମଧ ଆବଶ୍ୟକତା ରହିଛି। ଗୀତାର ପ୍ରତ୍ୟେକଟି ଶ୍ଳୋକ ମାନବର କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଅନ୍ୟତମ ଅତିଥି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ, ଗୀତାକୁ କେବଳ ଶୁଣିଦେଲେ ଚଳିବ ନାହିଁ, ଏହାର ପ୍ରତ୍ୟେକଟି ଉପଦେଶକୁ ଯଦି ଆମେ ଆମର ଦୈନନ୍ଦିନ ଜୀବନରେ ଉପଯୋଗ କରିପାରିବା, ତାହା ସମାଜର କଲ୍ୟାଣ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିର କଲ୍ୟାଣ ହେବ। ପ୍ରଫେସର ଶକୁନ୍ତଳା ବଳିୟାରସିଂ କାର୍ଯ୍ୟକ୍ରମରେ ଯୋଗଦେଇ ଭଗବଦ୍ ଗୀତା ପ୍ରତି ସେ ଜଣେ ସମର୍ପିତ ବ୍ୟକ୍ତି ବୋଲି କହିଥିଲେ। ସେ ଆହୁରି କହିଲେ ଯେ, ଜୀବନରେ ଆଜି ସେ ଯାହା ହୋଇଛନ୍ତି ଗୀତା ହିଁ ତାଙ୍କର ମାର୍ଗଦର୍ଶକ।

ଏହି କାର୍ଯ୍ୟକ୍ରମରେ ଗୀତା ମିଶନର ବହୁ କାର୍ଯ୍ୟକର୍ତା ଓ ଗୀତା ପ୍ରତି ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା କାଲି ପୁଣି ଅନୁଷ୍ଠିତ ହେବ ବୋଲି ଡଃ ସ୍ୱାମୀ ଚିଦାନନ୍ଦ କହିଛନ୍ତି।

# ଟିଟିଲାଗଡ଼ରେ ମେଗା ସ୍ୱାସ୍ଥ୍ୟ ଶିବିରର ଉଦ୍ଘାଟନ କଲେ ବିଧାୟକ ନବୀନ ଜୈନ

ବଲାଙ୍ଗୀର, ୧୧/୦୮ (ନି.ପ୍ର): ଟିଟିଲାଗଡରେ ରାଜସ୍ଥାନୀ ହେଲଥ୍ ଫାଉଣ୍ଡେସନ୍ ଓ ରୋଟାରୀ କ୍ଲବ ତରଫରୁ ଆୟୋଜିତ ଦୁଇ ଦିନିଆ ମେଗା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଡିଏନ୍ ରିସର୍ଟ ଠାରେ ଆରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଓ ସମ୍ମାନିତ ଅତିଥି ପୌର ପରିଷଦର ଅଧକ୍ଷା ଶ୍ରୀମତୀ ମମତା ଦେବୀ ଜୈନଙ୍କ କରକମଳରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରାଯାଇଥିଲା। ଏହି ଉଦ୍ଘାଟନୀ ସମାରୋହରେ ଟିଟିଲାଗଡ଼ ରୋଟାରୀ କ୍ଲବ ସଭାପତି ମହେଶ ଇ. ନଦୋରିଆ, ସମ୍ପାଦକ ପ୍ରମୋଦ କୁମାର ପାଲ, ପ୍ରୋଜେକ୍ଟ ଚେୟାରମେନ ଆନନ୍ଦ ଜୈନ, ରାଜସ୍ଥାନୀ ହେଲଥ୍ ଫାଉଣ୍ଡେସନ୍ର ଚେୟାରମେନ୍ ଜଗଦୀଶ ପ୍ରସାଦ ଶର୍ମା ଓ ରୋଟାରୀ ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଶ୍ରୀନିବାସ, ବିଜେପି ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ବିନୋଦ ମାରୋ, ମହେଶ ଅଗ୍ରୱାଲ ପ୍ରମୁଖ ମଂଚାସୀନ ଥିଲେ। ଏହି ଶିବିରର ମୂଳଲକ୍ଷ ଯାହାକି ମିଶନ ହେଲଦି ବଲାଙ୍ଗିର କ'ଣ ସେ ବିଷୟରେ ଆୟୋଜକ କମିଟି ଆସିଥିବା ଲୋକଙ୍କୁ ଅବଗତ କରାଇଥିଲେ। ସଭା ସରିବା ପରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଇଆଇଟି ଭୁବନେଶ୍ୱର ଏବଂ କିମ୍ସ ପକ୍ଷରୁ ବେସିକ୍ ଲାଇଫ୍ ସପୋର୍ଟ ସମ୍ବନ୍ଧୀୟ କର୍ମଶାଳା

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ଜନସାଧାରଣମାନଙ୍କ ଦ୍ୱାରା କାର୍ଡିଓପୁଲମୋନାରୀ ରେସସିଟେସନ ର ସଚେତନତା ଏବଂ ଅଭ୍ୟାସ ଦ୍ୱାରା ଅପାତକାଳୀନ ସ୍ଥିତିରେ ଜୀବନରକ୍ଷା ପାଇଁ ଜଣେ ଦକ୍ଷ ପ୍ରାଥମିକ ପ୍ରତିକ୍ରିୟାକାରୀର ବିକାଶ ହୋଇପାରିବ। ଏହି ସଚେତନତାର ପ୍ରସାର କରିବା ପାଇଁ, ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ, କିମ୍ସ ହସ୍ପିଟାଲର କେଏଏବିଇଇଏଲ (କାବୀଲ) ସିମୁଲେସନ୍ ଆଣ୍ଡ୍ ସ୍କିଲ୍ ଅପଗ୍ରେଡେସନ୍ ସେଂଟର ପକ୍ଷରୁ ମିଳିତ ଭାବରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀ, ଅଧିବାସୀ ଏବଂ ସୁରକ୍ଷା କର୍ମୀଙ୍କ ପାଇଁ ଶନିବାର ସିପିଆର ମାଧ୍ୟମରେ ବେସିକ୍ ଲାଇଫ୍ ସପୋର୍ଟ୍ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହା ଉଲ୍ଲେଖ କରାଯାଇପାରେ ଯେ ହଠାତ୍ କାର୍ଡିଆକ୍ ଆରେଷ୍ଟ୍ ହେମୋଡାଇନାମିକ୍ ପତନ ସହିତ ହୃଦ୍ ର ଯାନ୍ତ୍ରିକ କାର୍ଯ୍ୟକଳାପକୁ ହଠାତ୍ ବନ୍ଦ କରିବାକୁ ବୁଝାଏ। ପ୍ରାୟ ୮୫% ଏସସିଏ ର ଉଦାହରଣ ଘରେ କିମ୍ବା କର୍ମକ୍ଷେତ୍ରରେ ଘଟିଥାଏ ଯେଉଁଥିରେ କି ୧୦% ରୁ କମ୍ ବଂଚିବାର ହାର ରିପୋର୍ଟ କରାଯାଇଛି । ମାତ୍ର, ଯଦି କାର୍ଡିଓପୁଲମୋନାରୀ ରିସସିଟେସନ୍ (ସିପିଆର) ଜଣେ ବାଇଷ୍ଟାଣ୍ଡର୍ କିମ୍ବା ଜରୁରୀକାଳୀନ ମେଡିକାଲ୍ ସର୍ଭିସେସ୍ ଦ୍ୱାରା ପ୍ରାରମ୍ଭ ହୁଏ ତେବେ ବଂଚିବା ଦ୍ୱିଗୁଣିତ କିମ୍ବା ତିନିଗୁଣ ହୋଇପାରେ। ଭାରତରେ ଜରୁରୀକାଳୀନ ମେଡିକାଲ୍ ସର୍ଭିସେସର ଘନତା, ଟ୍ରାଫିକ୍ ସମସ୍ୟା ଏବଂ ବୃହତ ଜନସଂଖ୍ୟା ପ୍ରାରମ୍ଭିକ ସିପିଆର ମିଳିବାରେ ପ୍ରତିବନ୍ଧକ ସାଜିଥାଏ । ପୀଡିତ ବ୍ୟକ୍ତିର ମସ୍ତିଷ୍କ ୬ ମିନିଟର ହୃଦ୍ ଘାତ ପରେ ଅପରିବର୍ତନୀୟ ଭାବେ କ୍ଷତିଗ୍ରସ୍ତ ହୁଏ । ଏହି ପରିପ୍ରେକ୍ଷୀରେ, ଏହି କର୍ମଶାଳା ସମୟରେ ଅଂଶଗ୍ରହଣକାରୀମାନଙ୍କୁ ହୃଦଘାତ, ବିଦ୍ୟୁତ୍ ସଂଯୋଗ, ବଜ୍ରପାତ / ବଜ୍ରପାତ ଆଘାତ, ଅଗ୍ନି କିମ୍ବା ରାସାୟନିକ ନିଶ୍ୱାସ ଇତ୍ୟାଦି କାରଣରୁ ହୃଦ୍ ଘାତର ଶିକାର ହୋଇଥିବା ଲୋକଙ୍କୁ ଉଚ୍ଚମାନର ସିପିଆର ପ୍ରଦାନ କରିବାର କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆମେରିକୀୟ ହାର୍ଟ ଆସୋସିଏସନ୍ ର ଆଡଭାନ୍ସଡ କାର୍ଡିଆକ୍ ଲାଇଫ୍ ସପୋର୍ଟ ର ଇନଷ୍ଟ୍ରକ୍ଟର ଭାବେ ସ୍ୱୀକୃତିପ୍ରାପ୍ତ ଡାକ୍ତରମାନେ ଏହି ହ୍ୟାଣ୍ଡସ-ଅନ୍ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାୟ ୨୫୦ ଅଂଶଗ୍ରହଣକାରୀ କର୍ମଶାଳାର ଲାଭ ଉଠାଇଥିଲେ। କ୍ରିଟିକାଲ କେୟାର ଟିମ୍ ସହିତ କିମ୍ସ ହସ୍ପିଟାଲ୍, ଭୁବନେଶ୍ୱରର ସିନିୟର କନ୍ସଲଟାଂଟ କାର୍ଡିଆକ୍ ଆନାସଥେସିଆ ଡକ୍ଟର ଅଶୋକ କୁମାର ବଡ଼ମାଲି ଏବଂ ଡିଜିଏମ୍ ମାର୍କେଟିଂ, କିମ୍ସ ଦେବାଶିଷ ମହାନ୍ତି ଏହି କର୍ମଶାଳାର ପରିଚାଳନା କରିଥିଲେ। ଆଇଆଇଟି ଭୁବନେଶ୍ୱରର ପକ୍ଷରୁ ପ୍ରଫେସର-ଇନ୍-ଚାର୍ଜ, ସ୍ୱାସ୍ଥ୍ୟସେବା, ଆର.ଏସ. ଦାଶ, ଏନଏସଏସ ସଂଯୋଜକ ଡକ୍ଟର ଶିବାୟା ବାଥୁଲା, ଏବଂ ବରିଷ୍ଠ ଚିକିତ୍ସା ଅଧିକାରୀ ଡକ୍ଟର ଏମ.ଏ. ଖାନ୍ ତାଙ୍କ ଟିମ୍ ସହିତ ଉପସ୍ଥିତ ଥିଲେ।

# ଆଳୁ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ଅଭାବ ସମସ୍ୟାକୁ ଗମ୍ଭୀର କରୁଛି: ବିଜେଡି

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ବିଗତ ପ୍ରାୟ ଏକ ମାସ ଧରି ରାଜ୍ୟରେ ଆଳୁ ସମସ୍ୟା ଦେଖା ଦେଇଛି ଯାହା ଥମିବାର ନା ନେଉନାହିଁ । ରାଜ୍ୟ ସରକାରଙ୍କ ଆଳୁ ମହଜୁତକାରୀଙ୍କ ଉପରେ କୋହଳ ମନୋଭାବ ଓ ଆଳୁ ସମସ୍ୟାର ସମାଧାନ ପାଇଁ ଆନ୍ତରିକତାର ଅଭାବ ଯୋଗୁ ସମସ୍ୟା ଯେଉଁଠିକୁ ସେଇଠି ରହିଛି । ସରକାର ଆଳୁ ଦର ନିୟନ୍ତ୍ରଣରେ ରହିଥିବା ଦାବି କରୁଥିଲେ ମଧ ଆଳୁ ଦର କିଲୋ ପଚାଶ ଟଙ୍କା ରହିଛି । ଅନ୍ୟ ରାଜ୍ୟରୁ ଆଳୁ ଆଣିବା ନେଇ ସମସ୍ୟା ଥିବା କଥା କୁହା ଯାଉଥିଲେ ମଧ କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଆଳୁ ମହଜୁତ ରଖାଯାଇ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି । ଏହି ସମସ୍ୟା ପ୍ରତି ବିଜେପି ସରକାରଙ୍କ ଉଦାସିନତା ପରିସ୍ଥିତିକୁ ଅଧିକ ଗମ୍ଭୀର କରିଛି । ଆଳୁ ମହଜୁତ ରଖୁଥିବା ଅସାଧୁ ବ୍ୟବସାୟୀଙ୍କ ଭାରତୀୟ ଜନତା ପାର୍ଟି ସହିତ ନିବିଡ଼ ସମ୍ପର୍କ ରହିଥିବାରୁ, ସରକାର ଏ ପର୍ଯ୍ୟନ୍ତ ଏହି ଅସାଧୁ ବ୍ୟବସାୟୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି । ବିଜେପି ସରକାର ଓଡ଼ିଶାରେ ନାଫେଡର ସହଯୋଗରେ ଆଳୁ ସପ୍ତାହକ ଭିତରେ ଉପଲବ୍ଧ କରିବାକୁ କହୁଛନ୍ତି, କିନ୍ତୁ ଏବେ ପରିସ୍ଥିତିରେ ଲାଗୁଛି ଯେ ଆଗାମୀ ୧୫ ଦିନ ମଧ୍ୟରେ ସ୍ଥିତି ସାଧାରଣ ହେବ ନାହିଁ ଏବଂ ଓଡ଼ିଶାର ସାଧାରଣ ଲୋକ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ସମସ୍ୟା ଭୋଗିବେ।

# ମିତ୍ର ଫସଲର ଉପକାରିତା



ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପରି ଗଛ ମଧ୍ୟ ନିଜର ବନ୍ଧୁ ବାଛିଥାଏ। ଅର୍ଥାତ୍ କେତେକ ପ୍ରକାର ଗଛ ସାଥିରେ ରହିଲେ ଗଛ ଭଲ ବଢ଼ିପାରନ୍ତି। ଏହାକୁ ଗଛର ମିତ୍ର ଫସଲ ବା ସାଥି ଫସଲ ବୋଲି କୁହାଯାଏ। ସ୍ୱଳ୍ପ ଖର୍ଚ୍ଚରେ ରୋଗପୋକ ପରିଚାଳନା, ଏକା ଥରେ ଦୁଇ ବା ତତୋଧିକ ଫସଲ ଅମଳ ତଥା ଜମିରେ ପୋଷକ ତତ୍ତ୍ୱର ସୁପରିଚାଳନା କରିବାକୁ ଚାହୁଁଥିଲେ ମିତ୍ର ଫସଲ ଚାଷୀଙ୍କ ପାଇଁ ଭଲ ବିକଳ୍ପ। ମିତ୍ର ଫସଲକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି।

**ଅନ୍ତଃ ଫସଲ:** ମୁଖ୍ୟ ଫସଲ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅବଧିରେ ଏକ ଡାଲିଜାତୀୟ ଫସଲ ଚାଷ କରାଯିବାକୁ ଅନ୍ତଃ ଫସଲ କୁହାଯାଏ। ଏହାଦ୍ୱାରା ବାୟୁମଣ୍ଡଳରୁ ଯବକ୍ଷାରଜାନ ଡାଲିଜାତୀୟ ଫସଲର ଚେରରେ ବିବନ୍ଧିତ ହୋଇ ଫସଲକୁ ମିଳିଥାଏଲ ଓ ସେହି ସମାନ ଜମିରେ ଅଧିକ ଅମଳ ମିଳେ। ଏହି ଫସଲରେ ପରାଶ୍ରୟୀ ତଥା ପରଭୋଜୀ କୀଟମାନଙ୍କର ସଂଖ୍ୟା ବୃଦ୍ଧିପାଏ ତଥା ମୁଖ୍ୟ ଫସଲରେ କ୍ଷତିକାରକ କୀଟମାନଙ୍କ ସଂଖ୍ୟା କମିଯାଏ।

**ଉଦାହରଣ:** ବିଲାତି ବାଇଗଣ ଓ ବନ୍ଧାକୋବିକୁ ମିଶ୍ରିତ ଫସଲ ରୂପେ ଗ୍ରଣ କଲେ ବିଲାତି ବାଇଗଣର ଫଳ ବିନ୍ଧା ପୋକ ଏବଂ ବନ୍ଧାକୋବିର ଠିକିରିଆ ପୋକ ଆକ୍ରମଣ କମିଥାଏ। କପା ସହିତ ମକା ଓ ବରୁଗୁଡ଼ି ଲଗାଇଲେ ଜମିରେ ଉପକାରୀ କୀଟସଂଖ୍ୟା ବଢ଼ି ବକରାପୋକର ପରିଚାଳନାରେ ସାହାଯ୍ୟ କରିଥାନ୍ତି। ପନିପରିବା ସହିତ ଗେଣ୍ଡୁ କିମ୍ବା ଧନିଆ ବଣିଲେ ଅଧିକ ସିରିପିଡ୍ ମାଛି ଦେଖାଯାଆନ୍ତି।



ଯେଉଁମାନେ ପନିପରିବାରୁ ଜନଉପୋକ ଓ ଅନ୍ୟାନ୍ୟ କୋମଳ ଦେହଧାରରୀ କ୍ଷତିକାରକ ପୋକମାନଙ୍କୁ ଖାଇଥାନ୍ତି। କେତେକ ଗଛର ଗନ୍ଧକୀଟମାନଙ୍କୁ ଆକର୍ଷିତ କରନ୍ତି ଏହି ଗଛକୁ ଫସଲ ମଝିରେ ଲଗାଯାଇ କୀଟ ଦ୍ୱାରା ହେଉଥିବା କ୍ଷତିକୁ କମ୍ କରାଯାଏ। ଏହି ଗଛଗୁଡ଼ିକ ହେଉଛନ୍ତି ବରଗୁଡ଼ି, ରାଇସୋରିଷ, ଗେଣ୍ଡୁ ଇତ୍ୟାଦି। ବରଗୁଡ଼ି ଓ ରାଇସୋରିଷ ଉଡପରେ ମାଠ୍ୱା କୀଠ ଜମା ହୋଇଯାଆନ୍ତି।



ଫଳରେ ମୁଖ୍ୟ ଫସଲ ବଂଚିଯାଏ।

**ଯନ୍ତା ଫସଲ ଚାଷ:** କେତେକ କ୍ଷତିକାରକ କୀଟ କେତେକ ନିର୍ଦ୍ଦିଷ୍ଟ ଗଛରେ ଅଣ୍ଡା ଦେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି। ଏହି ଗଛକୁ ଫସଲର ଚାରିପାଖରେ ବାଡ଼ ଫସଳ ବା ଜନ୍ତା ଫସଲ ହିସାବରେ ଲଗାଯାଇପାରେ। ଏହାଦ୍ୱାରା କ୍ଷତିକାରକ କୀଟମାନେ ପ୍ରଥମେ ଏହି ଜନ୍ତା ଫସଲରେ ଲାଗନ୍ତି ଓ ସହଜରେ ଏମାନଙ୍କୁ ନିୟନ୍ତ୍ରଣ କରିହୁଏ।

**ଉଦାହରଣ:** ଠିକିରିଆ ପୋକ ବନ୍ଧାକୋବି ଅପେକ୍ଷା ସୋରିଷକୁ ଅଧିକ



ପସନ୍ଦ କରନ୍ତି। ଏଥିପାଇଁ ୨ ଧାଡ଼ି ସୋରିଷ ଏବଂ ୨୫ ଧାଡ଼ି ବନ୍ଧାକୋବି ମିଶ୍ରିତ ଚାଷ କରନ୍ତୁ। ଜମିର ଆରମ୍ଭରେ ଓ ଶେଷରେ ସୋରିଷ ଧାଡ଼ି ରଖନ୍ତୁ। କେତେକ ଗଛ କୀଟକୁ ଭ୍ରମରେ ପକାନ୍ତି। ଯେମିତିକି କପା ସହିତ ମକରା କିଛିଗଛ ଲଗାଇଲେ କାଟରପିଲାର ଭ୍ରମରେ ପଡ଼ି କପାଫୁଲ ବଦଳରେ ମକାର କେଶର ଉପରେ



କୀଟମାନେ ଅଣ୍ଡା ଦେଇ ଦିଅନ୍ତି ଓ ପରେ ଏହି ଅଣ୍ଡାମାନେ ଖାଦ୍ୟ ଅଭାବରୁ ମରିଯାଆନ୍ତି। ସେହିଭଳି ଜଡ଼ାର ଗନ୍ଧ କୀଟମାନଙ୍କୁ ଭଲ ଲାଗୁ ନଥିବାରୁ ଏହା ଏକ ଉତ୍କୃଷ୍ଟ ଯନ୍ତା ଫସଲ ରୂପେ ବ୍ୟବହୃତ ହୁଏ। କପା ଫସଲରେ ବିକରପୋକ ଓ ଗୋଟିପୋକରୁ ରକ୍ଷା ପାଇବା ପାଇଁ ଯନ୍ତା ଫସଲ ରୂପେ ବ୍ୟବହୃତ ହୁଏ। କପା ଫସଲରେ ବକରାପୋକ ଓ ଗୋଟିପୋକରୁ ରକ୍ଷା ପାଇବା ପାଇଁ ଯନ୍ତା ଫସଲ ହିସାବରେ ଜଡ଼ା, ସୂର୍ଯ୍ୟମୁଖୀ, ଗେଣ୍ଡୁ ଲଗାଯାଇପାରେ। ବୁଟ, ହରଡ଼ରେ ଆମେରିକୀୟ ବକରାବିନ୍ଧା ପୋକରୁ ରକ୍ଷା ପାଇଁ ଗେଣ୍ଡୁ ଲଗାଯାଇପାରେ। ଆଳୁ, ବାଇଗଣ, ଟମାଟୋ, ଭେଣ୍ଡିରୁ ଚେରଗଣ୍ଠି ସୂତ୍ରଜୀବ ପୋକରୁ ରକ୍ଷା ପାଇଁ ହଳଦିଆ କିସମ କଲିକତି ଗେଣ୍ଡୁକୁ ଜନ୍ତା ଫସଲ ହିସାବରେ ଲଗାନ୍ତୁ।

# ପୂଜା ଓ ଧ୍ୟାନ



**ପୂଜା-ଉପାସନା ଦ୍ୱାରା ଦେବାଦେବୀଙ୍କୁ ପ୍ରସନ୍ନ କରାଯାଇଥାଏ। କିନ୍ତୁ ଭଗବାନ କୃପା ଲାଭ ପାଇଁ ପୂଜା କରିବା ସମୟରେ ନିଜକୁ ନିୟନ୍ତ୍ରଣରେ ରଖିବା ଉଚିତ୍। ସମ୍ପୂର୍ଣ୍ଣ ବିଧି-ବିଧାନ ସହ ପୂଜା କରିବା ଗୁରୁତ୍ୱପୂର୍ଣ୍ଣ। ଉଭୟ ଶ୍ରଦ୍ଧା ଓ ନିଷ୍ଠା ହେଉଛି ଭଗବାନଙ୍କୁ ସନ୍ତୁଷ୍ଟ କରିବାରେ ମାର୍ଗ। ତେଣୁ ଯେକୌଣସି ଦେବାଦେବୀଙ୍କୁ ପୂଜା କରୁଥିବା ସମୟରେ ଆତ୍ମ ସଂଯମତା ତଥା ଅଶାନ୍ତିକୁ ଦୂରରେ ରଖିବାକୁ ଯେମିତି ନ ଭୁଲନ୍ତି।**

**ଛିଙ୍କିବା/ଭଗବାନଙ୍କୁ ଧ୍ୟାନ କରିବା** ସମୟରେ ଛିଙ୍କିବା ଦ୍ୱାରା ମୁହଁ ଅପବିତ୍ର ହୋଇଯାଏ ବୋଲି କୁହାଯାଏ। ତେଣୁ ଅପବିତ୍ର ମୁହଁରେ ଭଗବାନଙ୍କୁ ସ୍ମରଣ କରିବା ବର୍ଜନୀୟ। ଯଦି ପୂଜା କରିବା ସମୟରେ ଛିଙ୍କ କିମ୍ବା କାଶହୁଏ ତେବେ ତୁରନ୍ତ ହାତ-ମୁହଁ ଧୋଇ ପୂର୍ବବତ୍ ପୂଜା ସ୍ଥାନକୁ ଆସିବା ଉଚିତ୍।

**ଛେପ ପକାଇବା:** ଛେପ ଦ୍ୱାରା ବ୍ୟକ୍ତି ନିଜ ଶରୀରର ଅପରିଷ୍କାର ଜିନିଷକୁ ବାହାର କରିଥାଏ। ତେଣୁ ଭଗବାନଙ୍କ ଆରାଧନା କରୁଥିବା ସମୟରେ ଏଭଳି କାର୍ଯ୍ୟ କରିବା ଅନୁଚିତ୍। ଯଦି କୌଣସି କାରଣବଶତଃ ଛେପ ପକାଇବା ପାଇଁ ବାଧ୍ୟ ହୋଇଥାନ୍ତି ତେବେ ପୁଣିଥରେ ସ୍ନାନ କରିବା ଭଗବାନଙ୍କ ନିକଟକୁ ଆସିବା ଆବଶ୍ୟକ।

**ଆଳସ୍ୟ ରହିବା:** ଆଳସ୍ୟ, ନିଦ୍ରାଭଳି ଅବସ୍ଥାରେ ଭଗବାନଙ୍କ ପୂଜାର୍ଚ୍ଚନା କରିବା ଅନୁଚିତ। ଧର୍ମଗ୍ରନ୍ଥ ଅନୁସାରେ, ପ୍ରାତଃରୁ ଉଠି ସ୍ନାନ ଆଦି ଶୌଚ କାମ ସମାପନ କରିବା ପୂର୍ବକ ଆଳସ୍ୟ ନିଦ୍ରାକୁ ପରିହାର କରି ଭକଗବାନଙ୍କୁ ଉପାସନା କରିବା ବିଧେୟ।

**କ୍ରୋଧ:** ଯେଉଁମାନେ ନିଜ ଭିତରେ କ୍ରୋଧ ଭାବ ରଖିଥାନ୍ତି ସେମାନେ ଯେକୌଣସି କାର୍ଯ୍ୟ କଲେ ସେଥିରେ ମନ ନିବେଶ କରିପାରନ୍ତି ନାହିଁ। ଭକ୍ତିର ସହ ପୂଜାର୍ଚ୍ଚନା ପାଇଁ ମନରେ ଶାନ୍ତି ଓ ଏକାଗ୍ରତା ରହିବା ଆବଶ୍ୟକ। କାରଣ ଅଶାନ୍ତ ମନରେ କରାଯାଇଥିବା କାର୍ଯ୍ୟ ଫଳଶୂନ୍ୟ ସଦୃଶ। ତେଣୁ ପୂଜା କରିବା ଆଗରୁ କ୍ରୋଧ, ହିଂସା, ଲୋଭ ଭଳି ନକାରାତ୍ମକ ଭାବକୁ ତ୍ୟାଗ କରିବା ଉଚିତ୍।

**ନିଶାଗ୍ରସ୍ତ:** ପୁରାଣରେ ନିଶା ସେବନ କରୁଥିବା ବ୍ୟକ୍ତିକୁ ରାକ୍ଷସ ସହିତ ତୁଳନା କରାଯାଇଥାଏ। ଦେବାଦେବୀଙ୍କ କୃପା ଲାଭ କରିବା ପୂର୍ବରୁ ମଣିଷ ନିଜ ମନ ଓ ଶରୀରକୁ ଶୁଦ୍ଧ କରିବା ଉଚିତ। ତେଣୁ କୌଣସି ପୂଜା ପୂର୍ବରୁ ନିଶା ବା ତତ୍ ସମ୍ବନ୍ଧୀୟ କିଛି ଭାବନା ମନରେ ରଖିବା ଅନୁଚିତ।

# ଦହି ଖାଇଲେ ବଢ଼ିବନି କୋଲେଷ୍ଟ୍ରଲ: ଜାଣନ୍ତୁ କିପରି କରିବେ ସେବନ



ଅଧିକାଂଶ ଲୋକଙ୍କର କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ପାଇବାକୁ ଲାଗୁଛି। ଏହାର ମୁଖ୍ୟ କାର ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ ସେବନ। ପ୍ରୋସେସ୍ଡ ଫୁଡ୍ ଏବଂ ଫାଷ୍ଟ ଫୁଡ୍ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ପାଇଥାଏ। ଏହି କାରଣରୁ ରକ୍ତଚାପ ବଢ଼ିଯାଏ, ଫଳରେ ହୃଦୟ ସମ୍ବନ୍ଧୀୟ ଗୁରୁତର ରୋଗ ହେବାର ଆଶଙ୍କା ଥାଏ। ତେଣୁ ହାଇ କୋଲେଷ୍ଟ୍ରଲ ହ୍ରାସ କରିବା ପାଇଁ ଖାଦ୍ୟରେ କେତେକ ପରିବର୍ତ୍ତନ ଆଣିବା ନିହାତି ଜରୁରୀ। ଫାଷ୍ଟ ଫୁଡ୍ ଏବଂ ଜଙ୍କ୍ ଫୁଡ୍ ଖାଇବାଠୁ ଦୂରେଇ ରହିବା ସହ ଦହି ସାହାଯ୍ୟରେ କୋଲେଷ୍ଟ୍ରଲ ବୃଦ୍ଧିକୁ ହ୍ରାସ କରିପାରିବେ। ଦହି କିପରି କୋଲେଷ୍ଟ୍ରଲକୁ ବଢ଼ିବାକୁ ଦେଇନଥାଏ, ଜାଣନ୍ତୁ...

**ହାଇ କୋଲେଷ୍ଟ୍ରଲ ହ୍ରାସ କରେ ଦହି:** ବ୍ରିଟିଶ ଜର୍ଣ୍ଣାଲ ଅଫ୍ ନ୍ୟୁଟ୍ରିସନରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଦହି ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ୪% କମିଯାଏ। ଦହିରେ ପ୍ରୋବାୟୋଟିକ୍ ଥାଏ, ଯାହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ପ୍ରଦାହକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହାର ଅର୍ଥ ଦହି ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ ନିୟନ୍ତ୍ରଣ ହୋଇପାରିବ। ତେଣୁ ନିୟମିତ ଦହି ଖାଇଲେ କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଇବ। ଫଳରେ ଉଚ୍ଚ ରକ୍ତଚାପ ଏବଂ ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ।

**ହାଇ କୋଲେଷ୍ଟ୍ରେଲ ଥିଲେ କିପରି କରିବେ ଦହି ସେବନ:** କୋଲେଷ୍ଟ୍ରଲ ଅଧିକ ଥିଲେ କେବଳ ଘରେ ତିଆରି ଦହି ଖାଆନ୍ତୁ। ଦହିରେ କିଛି କଳା ଲୁଣ ମିଶାଇ ମଧ୍ୟାହ୍ନ ଭୋଜନ ପରେ ସେବନ କରନ୍ତୁ। ଗୋଟିଏ ଦିନରେ କିଛି ଦହି ଖାଇବା ଦ୍ୱାରା ଉପକାରିତା ମିଳିଥାଏ। ଏହା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଅନେକ ରୋଗକୁ ରୋକିଥାଏ।

# ଘରେ ତିଆରି କରନ୍ତୁ ମସରୁମ୍ ପକୋଡ଼ା

**ଆବଶ୍ୟକ ସାମଗ୍ରୀ:** ଛତୁ,ଆଳୁ ,ଅଦା, ପିଆଜ, ରସୁଣ ଛେଚା, କଟା କଞ୍ଚାଲଙ୍କା, କଟା ଧନିଆ ପତ୍ର, କର୍ଣ୍ଣଫ୍ଲୋର ପାଉଡର, ବେସନ, ଲଙ୍କା ଗୁଣ୍ଡ, ସୋୟା ସସ୍ ,ଟମାଟୋ ସସ୍ , ଚିଲ୍ଲି ସସ୍, ଭିନେଗାର,ଚାଇନା ସଲ୍ଟ, ବ୍ରେଡ୍ କ୍ରମ୍ବ,ଲୁଣ ଓ ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଛତୁକୁ ଭଲଭାବେ ଧୋଇ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏହାପରେ ୨ଟି ଆଳୁକୁ ପ୍ରେସର କୁକରରେ ସିଝାଇ ଏକ ପାତ୍ରରେ ରଖନ୍ତୁ। ଛତୁରେ ପିଆଜ,ରସୁଣ,ଅଦା ଛେଚାର ମିଶ୍ରଣକୁ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ କର୍ଣ୍ଣଫ୍ଲୋର,ଅଳ୍ପ ବେସନ,ଚାଇନିଜ୍ ସଲ୍ଟ,ସୋୟା ସସ୍,ଟମାଟୋ ସସ୍,ଚିଲ୍ଲି ସସ୍, ଲଙ୍କା ଗୁଣ୍ଡ,ଅଳ୍ପ ଲୁଣ, ଭିନେଗାର ଓ ଅଳ୍ପ ପାଣି ପକାଇ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ଘୋଡେଇ ରଖି ଦିଅନ୍ତୁ। ମନେରଖନ୍ତୁ ମିଶ୍ରଣଟି ବହଳିଆ ଓ ଶୁଖିଲା



ରହିବ। ଅଧଘଣ୍ଟା ପରେ ଏହି ମିଶ୍ରଣକୁ କାଢି ସେଥିରେ ସିଝା ଆଳୁକୁ ଚକଟି ଦିଅନ୍ତୁ । ଏହାପରେ ସେଥିରେ ଗୋଲ ଗୋଲ୍ ପକୋଡ଼ା ଆକାରର ଗଢି ଏକ ପାତ୍ରରେ ରଖନ୍ତୁ। ପରେ କରେଇରେ ତେଲକୁ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ପକୋଡ଼ା ଗୁଡିକ ତେଲରେ ପକାନ୍ତୁ। ପକୋଡ଼ା ଗୁଡ଼ିକ ଗୋଲଡ୍ଡେନ୍ ବ୍ରାଉନ୍ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମାଗରମ 'ମସରୁମ୍ ପକୋଡ଼ା'। ଏହି ମସରୁମ୍ ପକୋଡ଼ାକୁ ଆପଣ ପୋଦିନା ଚଟଣି କିମ୍ବା ସସ୍ ସହିତ ଖାଇପାରିବେ।

# କେରଳର ବ୍ୟାକ୍‌ୱାଟର



ପାଣି ଆଗକୁ ଆଗକୁ ଅର୍ଥାତ୍ ଅନୁକୂଳ ଗତିରେ ମାଡିଚାଲେ। ଏହା କ'ଣ କେବେ ପଛକୁ ଗତି କରେ ? ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ବିଶ୍ୱର ଏକ ମାତ୍ର ସ୍ଥାନରେ ପାଣି ପଛକୁ ଗତି କରୁଥିବାର ଦେଖାଯାଏ। ଦକ୍ଷିଣ ଭାରତର କେରଳରେ ଏପରି ଦୃଶ୍ୟ ଦେଖିବାକୁ ମିଳେ। ଏହା ଅବିଶ୍ୱସନୀୟ ହେଲେ ବି ସତ୍ୟ। କେରଳର ଏହି ସ୍ଥାନକୁ ବ୍ୟାକ୍‌ୱାଟର ବୋଲି କୁହାଯାଏ। ବ୍ୟାକ୍‌ୱାଟର ପାଇଁ କେରଳ ମଧ୍ୟ ପ୍ରସିଦ୍ଧ। ପାଞ୍ଚଟି ବଡ଼ ହ୍ରଦର ମିଳନ ସ୍ଥଳରେ ପାଣିର ଏହ ଦୃଶ୍ୟ ଦେଖିବାକୁ ମିଳେ। ଏହି ହ୍ରଦ ସମୁହରୁ ସୃଷ୍ଟି ହୋଇଥିବା କେନାଲ ମଧ୍ୟ ପ୍ରାକୃତିକ। ଏହା ଆରବସାଗର ସଙ୍ଗମସ୍ଥଳରୁ ପ୍ରାୟ ୩୮ଟି ନଦୀ ବାହାରିଛି। ଏହା କେରଳ ରାଜ୍ୟର ଅର୍ଦ୍ଧେକ ଅଞ୍ଚଳ ଘେରି ରହିଛି। ପ୍ରକୃତରେ ପାଣି କିନ୍ତୁ ଏଠାରେ ପଛକୁ ଗତି କରେ ନାହିଁ। ହେଲେ ନଦୀ ଓ ହ୍ରଦରେ ଉଠୁଥିବା ତରଙ୍ଗର ଗତି ପଛକୁ ଯାଉଥିବାର ଦେଖାଯାଏ। ଦେଖଣାହାରୀଙ୍କୁ ଲାଗେ ପାଣି ସତେ ଯେମତି ପଛକୁ ଗତି କରୁଛି। ଏହାକୁ ବାରିଆର୍ ଇଜ୍‌ଲ୍ୟାଣ୍ଡ ମଧ୍ୟ କୁହାଯାଉଛି। ନଦୀ, ହ୍ରଦ ଓ କେନାଲର ମିଳନ ସ୍ଥଳରୁ ପାଣିର ଗତି ପ୍ରାୟ ୯୦୦ କିଲୋମିଟର ବୋଲି ଅନୁମାନ କରାଯାଏ। ଏହାର ଆରମ୍ଭ ଓ ଶେଷ ସ୍ଥଳର ପାଣି ପଚୁଆ ଗତି କରୁଥିବା ଦେଖିବାକୁ ମିଳେ। ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ଏହି ସ୍ଥାନରେ ପାଣିର ବିପରୀତ ଗତି ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ ଲାଗିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନିଶ୍ଚିତତାର ବଳୟ...

ମହାକାଶରେ ଅଟକି ରହିଛନ୍ତି ମହାକାଶଯାତ୍ରୀ ସୁନୀତା ଉଇଲିୟମ ଓ ବଚ୍ ଉଇଲ୍‌ମୋର। ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ବୋଇଙ୍ଗ କମ୍ପାନୀର ଷ୍ଟାଇଲାଇନ୍‌ର ମହାକାଶଯାନ ଦ୍ୱାରା ଯାତ୍ରା କରିଥିବା ଏହି ଦୁଇ ମହାକାଶଯାତ୍ରୀଙ୍କ ଫେରିବାରେ ବିଳମ୍ୱ ଘଟିଛି। ଗତ ଜୁନ୍ ମାସ ୬ ତାରିଖରେ ସୁନୀତା ଓ ତାଙ୍କ ସହଯାତ୍ରୀ ବିଭିନ୍ନ ପରୀକ୍ଷଣ ଲାଗି ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ୧୦ଦିନିଆ ଯାତ୍ରା କରିଥିଲେ। ମାତ୍ର ବୋଇଙ୍ଗ ଷ୍ଟାରଲାଇନ୍‌ର ମହାକାଶରେ କିଛି ସମସ୍ୟା ସୃଷ୍ଟି ହେବାରୁ ମହାକାଶଯାତ୍ରୀମାନେ ସେଠାରେ ଅଟକି ରହିଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ତା'ର ବିଭିନ୍ନ ମହାକାଶ କାର୍ଯ୍ୟକ୍ରମ ଲାଗି ଘରୋଇ ସଂସ୍ଥାକୁ ନିୟୋଜିତ କରିଥାଏ। ସେହିକ୍ରମରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାତ୍ରୀ, ଆବଶ୍ୟକୀୟ ସାମଗ୍ରୀ ଓ ଯନ୍ତ୍ରପାତି ନେବା ଲାଗି ଆମେରିକାର ଦୁଇଟି ଘରୋଇ ସଂସ୍ଥା ସ୍ପେସ-ଏକ୍ସ ଓ ବୋଇଙ୍ଗଙ୍କୁ ଠିକା ଦିଆଯାଇଥିଲା। ସ୍ପେସ୍-ଏକ୍ସର ଡ୍ରାଗନ ମହାକାଶଯାନ ସଫଳତାର ସହିତ ଅନେକଥର ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯିବା ଆସିବା କରିଛି। ଏହିକ୍ରମରେ ଗତ ଜୁନ ମାସ ୬ ତାରିଖରେ ଷ୍ଟାରଲାଇନର ଦୁଇଜଣ ମହାକାଶଯାତ୍ରୀଙ୍କୁ ନେଇ ଯାତ୍ରା କରିବା ପରେ ସମସ୍ତେ ଉଲ୍ଲସିତ ଥିଲେ। ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ସହିତ ସଂଯୋଗ ସ୍ଥାପନ ପରେ ଆଶ୍ୱସ୍ତ ଓ ଆନନ୍ଦିତ ମଧ୍ୟ ହୋଇଥିଲେ। କିନ୍ତୁ ନିର୍ଦ୍ଧାରିତ ଦିନରେ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଷ୍ଟାରଲାଇନରରେ କିଛି ତ୍ରୁଟି ଦେଖାଯିବାରୁ ପୃଥିବୀକୁ ଫେରିବା ଯାତ୍ରାକୁ ସ୍ଥଗିତ କରାଯାଇଥିବା ଘୋଷଣା କରାଯାଇଛି। ମହାକାଶଯାନ, ସେ ପୃଥିବୀ ପୃଷ୍ଠରେ ହେଉକି ପୃଥିବୀ କକ୍ଷରେ, କିଛି ସାମାନ୍ୟ ତ୍ରୁଟି ଦେଖାଦେଲେ ଆବଶ୍ୟକ ପରୀକ୍ଷଣ କରି ତ୍ରୁଟିର କାରଣ ନିର୍ଦ୍ଧାରଣ କରି ତ୍ରୁଟିକୁ ସଂଶୋଧନ କରାଯାଏ ଏବଂ ଏହାପରେ ଯାନକୁ 'ଯାତ୍ରା ଲାଗି ଯୋଗ୍ୟ' ବୋଲି ଘୋଷଣା କରାଯାଏ। ଏହି ପ୍ରକ୍ରିୟାରେ ଅନେକ ଅଭିଜ୍ଞ ବୈଜ୍ଞାନିକ, ଯନ୍ତ୍ରୀ ଓ ବିଶେଷଜ୍ଞ କାମ କରନ୍ତି। ମହାକାଶକୁ କୌଣସି ଯାନ ହେଉ ବା ମାନବ, ସେମାନଙ୍କ ଯାତ୍ରା ଗୋଟିଏ ସାଧାରଣ ନିୟମ ଉପରେ ପର୍ଯ୍ୟବସିତ; ତାହା ହେଉଛି 'ମହାକାଶ ମଣିଷର ସାମାନ୍ୟତମ ତ୍ରୁଟିକୁ କ୍ଷମା କରେ ନାହିଁ'। ତେଣୁ ମହାକାଶକୁ ପଠାଯାଉଥିବା ଉପଗ୍ରହ, ମହାକାଶଯାନ ଆଦିକୁ ଶତପ୍ରତିଶତ ତ୍ରୁଟିମୁକ୍ତ କରି ପଠାଯାଏ। ତେବେ ପ୍ରଶ୍ନ ଉଠୁଛି- ଯଦି ମହାକାଶଯାନ ଶତପ୍ରତିଶତ ତ୍ରୁଟିମୁକ୍ତ, ତେବେ ଷ୍ଟାରଲାଇନରରେ ବୈଷୟିକ ତ୍ରୁଟି ଦେଖାଗଲା କାହିଁକି ? ଏଇଠି ଆସୁଛି ରହସ୍ୟମୟ ମହାକାଶର ଆହ୍ୱାନ। ମହାକାଶ ମଣିଷକୁ ସବୁକାଳରେ ଆହ୍ୱାନ ଦେଇ କହେ – 'ମୋତେ କେତେ ବୁଝୁଛୁ ବୁଝ, କିଛି ତ ବାକି ରହିଗଲା'। ବୋଇଙ୍ଗ କମ୍ପାନୀ ନିର୍ମିତ ଷ୍ଟାରଲାଇନର ମହାକାଶରେ ପହଞ୍ଚି ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ସହିତ ସମ୍ମିଳିତ ହେବା ପରେ ପରେ ଏହି ଯାନରେ ଅନେକ ତ୍ରୁଟି ପରିଲକ୍ଷିତ ହେଲା। ମୁଖ୍ୟ ତ୍ରୁଟିଗୁଡ଼ିକ ହେଲା – ହିଲିୟମ ଲିକ୍, ପ୍ରୋପେଲାଣ୍ଟ ଭଲଭ(ଇନ୍ଧନ ଯୋଗାଉଥିବା ମାଧ୍ୟମ)ର ଠିକ୍ ଭାବରେ କାମ ନ କରିବା। ଏଥିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ମହାକାଶଯାତ୍ରୀମାନେ ପୃଥିବୀକୁ ଫେରିବା ସମ୍ଭାବନା କ୍ଷୀଣ। ଷ୍ଟାରଲାଇନରରେ ତ୍ରୁଟି ପରିଲକ୍ଷିତ ହେବା ପରେ ବୋଇଙ୍ଗ ଓ ନାସାର ବୈଜ୍ଞାନିକ, ଯନ୍ତ୍ରୀ ଓ ଡିଜାଇନରମାନେ ବିଭିନ୍ନ ପରୀକ୍ଷଣ ଓ ମରାମତି କାମରେ ଲାଗିପଡ଼ିଛନ୍ତି। ବୋଇଙ୍ଗ କମ୍ପାନୀ ଲାଗି ଏହା ଏକ ବଡ଼ ଆହ୍ୱାନ। ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ସେମାନେ ଆଶାବାଦୀ ଅଛନ୍ତି। ପାଠକଙ୍କ ମନରେ ପ୍ରଶ୍ନଟିଏ ଉଠୁଥିବ- ସୁନୀତା ଓ ଉଇଲମୋରଙ୍କୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣି ହେବ ତ ? ଉତ୍ତର ଏହା ଯେ ସେମାନେ ସୁରକ୍ଷିତ ଭାବରେ ପୃଥିବୀକୁ ନିଶ୍ଚିତ ଫେରି ଆସିବେ। ବିକଳ୍ପରେ ଅଛି ଏଲନ୍ ମସ୍କଙ୍କ ସ୍ପେସ୍-ଏକ୍ସର ଡ୍ରାଗନ ମହାକାଶଯାନ। ଦରକାର ପଡ଼ିଲେ ଏହି ଯାନ ବ୍ୟବହାର କରି ମହାକାଶଯାତ୍ରୀମାନଙ୍କୁ ପୃଥିବୀକୁ ଫେରାଇ ଆଣିହେବ। ମହାକାଶରେ କିଛି ନା କିଛି ଅନିଶ୍ଚିତ ପରିସ୍ଥିତି ରହିବ। ତା'ର ମୁଖ୍ୟ କାରଣ ସେଠାକାର ପରିସ୍ଥିତି, ପରିବେଶ ଓ କିଛି ଅବୁଝା ପ୍ରଣାଳୀ। ମହାକାଶର ଶୂନ୍ୟତା (ବାୟୁଶୂନ୍ୟ ପରିବେଶ), ପ୍ରାୟତଃ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତି, ମହାକାଶରେ ଥିବା ତେଜସ୍କ୍ରିୟ ରଶ୍ମି ଓ କଣିକା, ସୌର ପ୍ରଣାଳୀ ଓ ଆହୁରି ଅନେକ କାରଣ ସେଠାକାର ପରିସ୍ଥିତିକୁ ଅନିଶ୍ଚିତ କରିଦିଏ। ମାତ୍ର ଖୁସିର କଥା ଏହା ଯେ ୧୯୫୭ଠାରୁ ଆଜି ପର୍ଯ୍ୟନ୍ତ ମଣିଷ ପ୍ରେରିତ ମହାକାଶଯାନ, ପରୀକ୍ଷଣ ମହାକାଶଯାନ ଓ ମହାକାଶ କେନ୍ଦ୍ର ଆମକୁ ମହାକାଶକୁ ବୁଝିବାରେ ବହୁତ ସାହାଯ୍ୟ କରୁଛି। ମାନବର ଅଦମ୍ୟ ପ୍ରଚେଷ୍ଟା, ବିଶ୍ୱାସ ଓ ଇଚ୍ଛାଶକ୍ତି ପ୍ରକୃତି ପାଖରେ ହାରମାନିବାକୁ ପ୍ରସ୍ତୁତ ନୁହେଁ। ତେଣୁ ଆଶା କରିବା, ଆଗାମୀ ଦିନରେ ଷ୍ଟାରଲାଇନର ତ୍ରୁଟିମୁକ୍ତ ହୋଇ ସୁନୀତା ଉଇଲିୟମ ଓ ବଚ୍ ଉଇଲିମୋରଙ୍କୁ ସୁରକ୍ଷିତ ଭାବରେ ପୃଥିବୀକୁ ଫେରାଇ ଆଣିବ।

# ଆମ ସଂସ୍କୃତିରେ ବୋଲ୍‌ବମ୍



## ପଣ୍ଡିତ ଦୈତ୍ୟାରି ମାହାପତ୍ର



ଆମ ସଂସ୍କୃତିରେ "ବୋଲ୍‌ବମ୍" ଏକ ପାରମ୍ପରିକ ପର୍ବ। ଏହି ପର୍ବରେ ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ଭଗବାନ ମଙ୍ଗଳମୟ ଶିବଙ୍କ ମସ୍ତକରେ ଜଳଢ଼ାଳି ତାଙ୍କୁ ସନ୍ତୁଷ୍ଟ କରାଯାଏ। ଫଳରେ ଭଗବାନ ଶିବ ସନ୍ତୁଷ୍ଟ ହୋଇ ଅଭୟବର ପ୍ରଦାନ କରିଥାନ୍ତି। ଏହାଦ୍ୱାରା ଭକ୍ତର ମନବାଞ୍ଛା ପୂରଣ ହେବାସହିତ ସମସ୍ତ ପ୍ରକାରର ମଙ୍ଗଳ ହୋଇଥାଏ।

ଆମ ପୁରାଣ ଶାସ୍ତ୍ର କହେ, ସତ୍ୟ ଯୁଗରେ ଦେବକୋଳ ବୋଲ୍‌ବମ୍ ପର୍ବ ପାଳନ ପୂର୍ବକ ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରି ନିଜ ନିଜର ଦେବଲୋକ ଫେରିପାଇଥିଲେ। ତ୍ରେତୟା ଯୁଗରେ ରାଜା ଦଶରଥ ଏବଂ ଶ୍ରୀରାମ, ଦ୍ୱାପର ଯୁଗରେ ପାଣ୍ଡବମାନେ ଏବଂ କଳି ଯୁଗରେ ଗଙ୍ଗବଂଶୀୟ ରାଜାମାନେ ବୋଲ୍‌ବମ୍ ବା ଶ୍ରାବଣୀ ପର୍ବ ପାଳନ କରି ସମସ୍ତ ଅଭୀଷ୍ଟ ପୂରଣ କରିପାରିଥିଲେ।

ତ୍ରେତୟା ଯୁଗରେ ଅଯୋଧ୍ୟାକୁ ମରୁଡ଼ି ପଡିଥିଲା। ପ୍ରଜାମାନେ ଖାଇବାକୁ ପାଇଲେ ନାହିଁ। ପାଣିପାଇଁ ଘରିଆଡ଼େ ହାହାକାର ପଡିଗଲା। ଠିକ୍ ସେହି ସମୟରେ ଗୁରୁ ବଶିଷ୍ଠଙ୍କ ପରାମର୍ଶ ଅନୁଯାୟୀ ରାଣୀମାନଙ୍କ ସହିତ ରାଜା ଦଶରଥ ଶ୍ରାବଣ ମାସରେ ବିଧିବିଧାନର ସହିତ ଶିବଙ୍କୁ ଜଳାଶାୟୀ କରାଇଥିଲେ। ତାଙ୍କ ପୂଜାରେ ଭଗବାନ ଶିବ ସନ୍ତୁଷ୍ଟ ହୋଇଥିଲେ। ଫଳରେ ଶିବଙ୍କ କୃପାରୁ ଅଯୋଧ୍ୟାରେ ବୃଷ୍ଟି ହୋଇଥିଲା। ସେହିଦିନଠାରୁ ଅଯୋଧ୍ୟାଧିପତି ନିଜ ରାଜ୍ୟର ମଙ୍ଗଳପାଇଁ ପ୍ରତିବର୍ଷ ଶ୍ରାବଣ ମାସରେ ଶିବ ମସ୍ତକରେ ଜଳଢ଼ାଳି ନିଜର ମନକଥା ଭଗବାନଙ୍କ ନିକଟରେ ପ୍ରକାଶ କରିଥାନ୍ତି। କୁହାଯାଏ ସେହିଦିନରୁ ଅର୍ଥାତ୍ ତ୍ରେୟତା ଯୁଗରୁ ଏହି ଶ୍ରାବଣୀ ପର୍ବ ବିଧିବିଧାନର ସହିତ ପାଳନ କରାଯାଉଅଛି।

ବହୁ ମୁନିଋଷି, ଦେବ, ଦାନବ, ଯକ୍ଷ, କିନ୍ନର ଏକାନ୍ତ ଭକ୍ତି, ନିଷ୍ଠା ଓ ଏକାଗ୍ରତାର ସହିତ ଶ୍ରାବଣ ମାସରେ ଶିବଲିଙ୍ଗ ମସ୍ତକରେ ଜଳଢ଼ାଳି ଶିବପୂଜା କରି ନିଜ ନିଜର ଅଭୀଷ୍ଟ ପୂରଣ କରିଥାନ୍ତି। ଏଣୁ ଏହି ପର୍ବ ହେଉଛି ଏକ ପାରମ୍ପରିକ ପର୍ବ। ଆମ ହିନ୍ଦୁ ସଭ୍ୟତାରେ ଶ୍ରାବଣୀ ବୋଲ୍‌ବମ୍ ପର୍ବ ଏକ ଶ୍ରେଷ୍ଠ ତଥା ପରାମ୍ପରିକ ଗଣ ପର୍ବରେ ପରିଣତ ହୋଇଛି। ଭଗବାନ ବ୍ୟାସ କହୁଛନ୍ତି

ନମସ୍କାର ପ୍ରିୟ ଭାନୁଃ,
ଜଳଧାରା ପ୍ରିୟ ଶିବଃ,
ଉପଚାର ପ୍ରିୟ ବିଷ୍ଣୁ,
ବ୍ରାହ୍ମଣାଂ ଭୋଜନଂ ପ୍ରିୟ।

ଅର୍ଥାତ୍ ଭଗବାନ ସୂର୍ଯ୍ୟ ନମସ୍କାରରେ ସନ୍ତୁଷ୍ଟ ହୁଅନ୍ତି। ଭଗବାନ ଶିବ ଜଳଶାୟୀରେ ସନ୍ତୁଷ୍ଟ ହୁଅନ୍ତି। ଭଗବାନ ବିଷ୍ଣୁ ପୂଜାବିଧି ବା ଉପଚାରରେ ସନ୍ତୁଷ୍ଟ ହୁଅନ୍ତି ଏବଂ ବ୍ରାହ୍ମଣ ଦେବତା ଭୋଜନରେ ସନ୍ତୁଷ୍ଟ ହୋଇଥାନ୍ତି। ସନ୍ଥ ତୁଳସୀରାମଙ୍କ ଭାଷାରେ ଭଗବାନ ଶ୍ରୀରାମ ଚନ୍ଦ୍ର କହୁଛନ୍ତି-

ଜୋ ଗଙ୍ଗାଜଲୁ ଆନି ଚଢ଼ାଇ ହି,
ସୋ ସାଯୁଜ୍ୟ ମୁକ୍ତି ନର ପାଇ ହି।
ଏକାନ୍ତ ଭକ୍ତିରେ ନିଷ୍ଠା ବିଶ୍ୱାସରେ,
ଗଙ୍ଗାନଦୀ ଜଳ ଆଣି।
ଖାଲିପାଦେ ଚାଲି
ଭକ୍ତିଭାବନାରେ
ମହାଦେବଗୁଣ ଗୁଣି।
ଶିବମସ୍ତକରେ ଜଳାପର୍ଣ
କଲେ ମନବାଞ୍ଛା ପୂର୍ଣ୍ଣ ହୁଏ।
ସର୍ବଦେବଦେବୀ ଆଶିଷ କରିବେ,
କାଳେକାଳେ ଯଶ ରହେ।

ଅର୍ଥାତ୍ ସନ୍ଥ ତୁଳସୀଦାସଙ୍କ ମତରେ ଭଗବାନ ଶ୍ରୀରାମଚନ୍ଦ୍ର କହୁଛନ୍ତି, ହେ ପ୍ରଜାବୃନ୍ଦ ! ତୁମେମାନେ ଯଦି ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ଗଙ୍ଗାରୁ ଜଳଆଣି କାନ୍ଧରେ ବୋହି ଖାଲି ପାଦରେ ଚାଲିଚାଲି ମାହଦେବଙ୍କ ମସ୍ତକରେ ଢ଼ାଳିବ ତେବେ ତୁମେମାନେ ନିଶ୍ଚିତ ଭାବେ ଇହ କାଳରେ ସାଯୁଜ୍ୟ ମୁକ୍ତି ପାଇବା ସଙ୍ଗେସଙ୍ଗେ ଶିବଲୋକରେ ପ୍ରମଥ ଗଣଙ୍କ ସହିତ ବାସକରିପାରିବ।

ଓଡ଼ିଆ ଭାଷା ସାହିତ୍ୟ
ଗବେଷକ ତଥା
ରାଜ୍ୟପାଳ ପୁରସ୍କାରପ୍ରାପ୍ତ
ସାହିତ୍ୟିକ, ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୨୦୨

# ପଥଚ୍ୟୁତ ଯୁବପିଢ଼ି ଓ ଆଧୁନିକ ସମାଜ



## ଡକ୍ଟର ତପନ କୁମାର ପାଲ

ଅତ୍ୟାଧୁନିକ ପରିବାର ସମୂହ ନିଜ ନିଜର ପିଲାମାନଙ୍କୁ ନେଇ ସଂପ୍ରତି ଅଧିକ ବ୍ୟସ୍ତ ବିବ୍ରତ । ଏବେ ଦେଖାଯାଉଛି ସନ୍ତାନ ସନ୍ତତି ଏବଂ ପିତାମାତାଙ୍କ ଭିତରେ ଉପଯୁକ୍ତ ବୁଝାମଣା ନାହିଁ । ଅର୍ଥ ହିଁ ଅନର୍ଥର ମୂଳ କାରଣ ହୋଇପଡ଼ିଛି । ଅପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିବାର ମରୀଚିକା ପଛରେ ଅଣନିଶ୍ୱାସୀ ହୋଇ ଧାଇଁ ଚାଲିଛି ଆଜିର କିଛି ମଣିଷ । କଳାଧଳା ଅତି ସହଜରେ ହାତେଇବାରେ ଧୁରନ୍ଧର ଆଜିର ମଣିଷର ଏକ ପ୍ରକାର ନିଶା ହୋଇଯାଇଛି । ଏଣୁ ଏସବୁ ଅସତ୍ ଉପାୟ ସାମାଜିକ ବିଶୃଙ୍ଖଳା ପାଇଁ ଏକମାତ୍ର ଦାୟୀ। ବାସ୍ତୁବାଦ, ଫମ୍ପା ଆଭିଜାତ୍ୟ, ଅନ୍ଧ ବାତ୍ସଲ୍ୟମୋହ ପୁରାତନ ନିଷ୍କଳଙ୍କ ସାମାଜିକ ଢ଼ାଞ୍ଚାକୁ ଦୋହଲାଇ ଦେଉଛି । ପିତାମାତାଙ୍କର କୃତ୍ରିମ ମାନସିକତା ସରଳ ପିଲା ମନରେ ବିଷ ମଞ୍ଜି ବୁଣି ଦେଉଛି । ସ୍ୱେଚ୍ଛାଚାର ପିଲାମାନଙ୍କୁ ଭଲ ବାଟରେ ନେଇ ନାହିଁ ବରଂ ସେମାନଙ୍କର ସମାଜ ଆସ୍ତେ ଆସ୍ତେ ରୂପ ଦେଉଛି ଉଗ୍ର ଆତଙ୍କବାଦର ପ୍ରଶିକ୍ଷଣ କେନ୍ଦ୍ର। ସେ ଜାଣିଛନ୍ତି ମୃତ୍ୟୁରୂପୀ ଆଗ୍ନେୟ ଶିଳାର ଶୀର୍ଷ ଦେଶରେ ସେମାନେ ଅଛନ୍ତି, ବିସ୍ଫୋରଣ ସୁନିଶ୍ଚିତ, ତଥାପି ସେମାନେ ରଚି ଚାଲିଛନ୍ତି ଗୋଟିକ ପରେ ଗୋଟିଏ ନାରକୀୟ ଲୀଳା । ସତରେ ଏ ସମାଜ କଣ ପଙ୍ଗୁ ହୋଇଯିବ ? ଅଥର୍ବ ହୋଇଯିବ ? ଏଥିରୁ ଉଦ୍ଧାର ପାଇଁ ଦାୟିତ୍ୱ କେଉଁ ଭଗୀରଥଙ୍କର ? ଆପଣମାନଙ୍କର ନା ସେମାନଙ୍କର ? ତେବେ କେହି କେହି ପୁତ୍ରକୁ ବନ୍ଧୁତୁଲ୍ୟ ଆଦରି ନେଇଥାନ୍ତି ପିଲା ବେଳରୁ । ଆକଟ କରନ୍ତି ନାହିଁ, ଯାହା କରିବ ସାତଖୁଣ ମାଫ। ଏପରିକି ଧୂମପାନ, ମଦ, ଡ୍ରଗସ୍ ସେବନ କରିବାରେ ଏମାନେ ଅତି ପ୍ରବୀଣ ହୋଇଯାନ୍ତି । ଆସ୍ତେ ଆସ୍ତେ ଏମାନଙ୍କ ରୂପ ବଦଳେ । ସମାଜରେ ଯାବତୀୟ ଅମାନୁଷିକ ତଥା ଅନୈତିକ କାର୍ଯ୍ୟ କରିବାରେ ସେମାନେ ଆଗଭର ହୁଅନ୍ତି । ସେମାନେ ଆଦୌ ଭାବନ୍ତି ନାହିଁ ଯେ, ସେମାନେ ଯାହା କରିଛନ୍ତି ତାହା କେତେଦୂର ସମାଜର ଉନ୍ନତି ବିଧାନରେ ଲାଗିପାରୁଛି । ଅସୁରୀୟ ପ୍ରକୃତି, ନୀଚ କଳୁଷିତ ଭାବନା, ତଥା ମଣିଷ ପ୍ରତି ଅନାଦର ଏମାନଙ୍କୁ ପୁରାମାତ୍ରାରେ ଗ୍ରାସି ଯାଇଛି । ଯେଉଁ ବାପ ମା' ଏମାନଙ୍କର ଦିନେ ପ୍ରିୟ ଥିଲେ, ବନ୍ଧୁଥିଲେ ସେ ଯେମିତି ଶତ୍ରୁ ପାଲଟି ଯାଇଛନ୍ତି । ଯୌବନର ସଦ୍ ବିନିଯୋଗ ନକରି ସେମାନେ ହୋଇଯାନ୍ତି ଅପାଂକ୍ତେୟ, ଅଲୋଡ଼ା, ବସ୍ତୁହରାଜୀବ। ସେମାନେ ସୃଷ୍ଟି କରନ୍ତି ବିଷର ବଳୟ । ଯୌନ ବିକାର ହୋଇ ସେମାନେ ଆପଣେଇ ନିଅନ୍ତି ଅମଡ଼ା ବାଟ । ପ୍ରେମ-ପାଗଳ ହୋଇ ସେମାନେ ମାୟା ମରୀଚିକା ପଥରେ ଧାବମାନ କରନ୍ତି । ଶେଷରେ ଅପମୃତ୍ୟୁର ଶିକାର ହୋଇ ବାପାମା'ଙ୍କୁ ହନ୍ତସନ୍ତ କରିମାରନ୍ତି । କଙ୍କଡାକୁ ଗୋଳିପାଣି ସୁହାଇଲା ଭଳି ରାଜନୀତିଆଙ୍କ ପାଲରେ ପଡ଼ିଗଲା ପରେ ସେମାନଙ୍କର ବଳ ବିକ୍ରମ ଦ୍ୱିଗୁଣ ହୋଇଯାଏ, ସେମାନେ ଇନ୍ଦ୍ରଚନ୍ଦ୍ର ମାନନ୍ତି ନାହିଁ, ବରଂ ସେମାନେ ଅନ୍ୟ ମାନଙ୍କୁ ହେୟଜ୍ଞାନ କରନ୍ତି । ଧରାକୁ ସରା ମଣନ୍ତି । ଏଣୁ ଏ କ୍ଷେତ୍ରରେ 'ଉପଦେଶାହି ମୁର୍ଖାଣାଂ ପ୍ରକୋପାୟ ନଶାନ୍ତୟେ' - କେତେବା ଏମାନଙ୍କୁ ଉପଦେଶ ଦେବ, ଆଦର୍ଶ ପଥରେ ଯିବା ପାଇଁ ମାର୍ଗ ପ୍ରଦର୍ଶନ କରିବ ।

ଏବେ ଯୁଗ ବଦଳିଛି । ଯୁଗ ସହ ତାଳ ଦେଇ ନୂତନ ନୂତନ ଚିନ୍ତାଧାରାର ନୂଆ ଦିଗ ଖୋଲିଯାଉଛି । କେତେ ପ୍ରକାର ଜଟିଳ ସମସ୍ୟା ବି ମୁଣ୍ଡ ଟେକି ଉଠୁଛି, ତାର ସମାଧାନର ବାଟ ଖୋଜିବା କ'ଣ ଆମ ସମସ୍ତଙ୍କର କର୍ତ୍ତବ୍ୟ ନୁହେଁ ? ନିଜର ନ୍ୟସ୍ତ ସ୍ୱାର୍ଥ ପାଇଁ ପଡ଼ୋଶୀଟିର ନୁହେଁ ଏପରିକି ଭାଇ-ଭାଇ, ବନ୍ଧୁ-ବନ୍ଧୁ ଭିତରେ ଯେଉଁପରି ଈର୍ଷା ଯେଉଁ ସ୍ତରର ରୂପ ନେଉଛି ତାହା ସମସ୍ତଙ୍କୁ ଜଣା। ଶହ ଶହ ମଣିଷଙ୍କୁ ଦାନାକନା ଯୋଗାଉଥିବା ଜଣେ ସ୍ୱଚ୍ଛଳ ଯୁବ ବ୍ୟକ୍ତିତ୍ୱଟିକୁ ଦିନେ ବନ୍ଧୁ ଥିବା ସହପାଠୀ ହୁଅନ୍ତୁ ବା ପଡ଼ୋଶୀଟି ସହ୍ୟ ନକରି ନାନା ଅପପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଅଧ୍ୟବସାୟ, ସାଧୁତା ଓ ଆଧ୍ୟାତ୍ମିକ ଶକ୍ତି ପାଇଁ ତାହା ଫଳବତୀ ହୋଇପାରିନଥାଏ କିନ୍ତୁ ଜଣେ ମାନସିକ ଭାବେ ଯେଉଁ ଯନ୍ତ୍ରଣା ପାଏ ତାହା ଏକ ଚିନ୍ତାଜନକ ପ୍ରସଙ୍ଗ। ନିକଟରେ ଜଣେ ବନ୍ଧୁଙ୍କ ଠାରୁ ଶୁଣିଥିଲି ସେ ନିଜ ବୃତ୍ତିଗତ କ୍ଷେତ୍ରରେ ପ୍ରଗତିର ସଫଳତାକୁ ଛୁଇଁଥିବାରୁ ତା'ର ନିରୀହ ମେଧାବୀ ପୁଅର ନାନା ପ୍ରକାର କ୍ଷତି ଓ ପ୍ରତିବନ୍ଧକ ପାଇଁ ଅଭିମନ୍ୟୁ ବଧ ପରି ଷଡ଼ଯନ୍ତ୍ର ହୋଇଥିଲା। ଏହା କେଉଁ ପ୍ରକାର ମାନସିକତା ? ଉତ୍ତମ ଆଚରଣ ପାଇଁ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି । ଖାଲି କଥାରେ କହି ଦେଲେ ଆଉ ଚଳିବନି, କଥାକୁ କାମରେ ଲଗାଇବାକୁ ହେବ । ପିଲାଟିକୁ ଚୋରି କରିବା ମହାପାପ, ସବୁବେଳେ ସତ କହିବୁ । ପର ଦ୍ରବ୍ୟ ଉପରେ ନଜର ପକାଇବୁ ନାହିଁ, ବାଁକୁ ମାଡ଼ିଚାଲିବୁ । ଗୁରୁଜନମାନଙ୍କୁ ଭକ୍ତି କରିବୁ । ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଥଟ୍ଟା ପରିହାସ କରିବୁ ନାହିଁ । ଭିକାରୀମାନଙ୍କୁ କୁବ୍ୟବହାର କରିବୁ ନାହିଁ ଇତ୍ୟାଦି ଇତ୍ୟାଦି । ଏକଥାକୁ ଯିଏ ହେଜିଲା, ସେ ଭଲ ପିଲା, ଯିଏ ନହେଜିଲା ସେ ବା କାହୁଁ ଭଲ ମଣିଷର ଗଣା ହବ ? ଯଦି ତାର ମନକୁ ପାଇଚିତ ଶିକ୍ଷକଙ୍କ କଥାକୁ ବାରମ୍ବାର ମନେ ରଖିବ ଅବା ଗୁରୁଜନଙ୍କ ଉପଦେଶକୁ ସେ ଜପାମାଳି କରିବ । ଯଦି ଭଲ ପିଲା ନହେବେ ଏ ସମାଜ କେଉଁମାନଙ୍କୁ ନେଇ ଅଗ୍ରସର ହେବ । ଏଥିପାଇଁ ଉତ୍ତମ କର୍ତ୍ତବ୍ୟ ନିଷ୍ଠା ମଙ୍ଗୁଆଳଟିଏ ଲୋଡ଼ା । ପିତାମାତା, ଗୁରୁଜନ ଶିକ୍ଷକ ସମସ୍ତେ ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ଭାବେ ବହନ କରିବା ଉଚିତ୍ । ଏକ ଶାନ୍ତ ସୁନ୍ଦର ସମାଜ ଆମ ପାଇଁ ଲୋଡ଼ା । ଭବିଷ୍ୟତରେ ବଂଶଧର ଯଦି ଉଗ୍ର ଆତଙ୍କବାଦର ମୁଖା ପିନ୍ଧି ସମାଜକୁ ଧ୍ୱଂସ ଆଡ଼କୁ ଟାଣିନେବ ତେବେ ସାମାଜିକ ସ୍ଥିତି ଦୋହଲିଯିବ - ଉଚ୍ଛୃଙ୍ଖଳ ସମାଜରେ ଅନବରତ ଚାଲିବ ନାରକୀୟ ଲୀଳା । ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିବା ଭାରତୀୟମାନେ ନିଜ ଉପରେ ଥିବା ଆସ୍ଥା ଆସ୍ତେ ଆସ୍ତେ ହରାଇ ବସିବେ । ଆମେ ପୁନରାୟ କଣ ଆଶା କରିବା ପରାଧୀନତାର ନିଗଡ଼ ଭିତରେ ଆତ୍ମଗୋପନ କରିବାକୁ ? ଆମର ଆଶା, ଆକାଂକ୍ଷା, ସ୍ୱପ୍ନ ଆମର ଆଗାମୀ ପିଢ଼ିଙ୍କ ଉପରେ । ସେମାନଙ୍କୁ ଶୃଙ୍ଖଳିତ ଓ ସୁସ୍ଥ ବାତାବରଣ ଭିତରେ ବଢ଼ାଇବା ଉତ୍ତର ଦାୟିତ୍ୱ ଆମେ ସମସ୍ତଙ୍କର ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ: ୯୯୩୭୬୫୮୩୬୨

# ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି



## ସୁବ୍ରତ କର

ଭବିଷ୍ୟତରେ ଆମ ରାଜ୍ୟରେ ଆଉ ମଦ ଦୋକାନ ଖୋଲିବାର ନାହିଁ। ସତରେ ଏହା ଏତେ ଖୁବ୍ ବଡ଼ ନିଷ୍ପତ୍ତି ଏବଂ ସରକାରଙ୍କର ସାହସ ଅଛି ବୋଲି କହିବାକୁ ପଡ଼ିବ । ପ୍ରଥମ କଥା ହେଲା ମନ୍ତ୍ରୀ ମହୋଦୟ ଅତି ସାହସର ସହିତ କହିଛନ୍ତି ସରକାର ବାର୍ଷିକ ମଦରୁ ରୋଜଗାର ହେଉଥିବା ୮୦୦୦ କୋଟି ଟଙ୍କା ଉଠାଇବେ ସତ, ତଥାପି ମଦକୁ ବନ୍ଦ କରିବା ପାଇଁ ପ୍ରଥମ ପଦକ୍ଷେପ ନେଇଛନ୍ତି । ଦ୍ୱିତୀୟ କଥା ହେଲା ସରକାର ଆସିବା ପୂର୍ବରୁ ସାଢ଼େ ଚାରି କୋଟି ଲୋକଙ୍କୁ କହିଥିଲେ ସରକାର ଗଠନ ପରେ ମଦକୁ ବନ୍ଦ କରିବେ ଏବଂ ମାତ୍ର ଦୁଇମାସ ଭିତରେ କରି ଦେଖାଇଲେ। ସରକାର ଏହା ମଧ୍ୟ ବୁଝିଛନ୍ତି ଯେ ଚୋରାମଦ କାରବାର ଉପରେ ମଧ୍ୟ ରୋକ୍ ଲଗାଇବା ଦରକାର ଏବଂ ଏଇଥିପାଇଁ ଅବକାରୀ ନୀତିରେ ସଂଶୋଧନ ଅଣାଯିବ । ମନ୍ତ୍ରୀ ମଧ୍ୟ ଏ କଥା କହିଛନ୍ତି ଆସନ୍ତା ବର୍ଷରୁ ସମ୍ପୂର୍ଣ୍ଣ ଭାବେ ନୂଆ ଅବକାରୀ ନୀତି ପ୍ରଣୟନ କରିବେ । ଏହା ନିଶ୍ଚିତ ଭାବରେ ସରକାରଙ୍କ ପାଇଁ ଏକ ଆହ୍ୱାନ। ଏହା ମଧ୍ୟ ସତ ମଦ୍ୟପାନ ଯୋଗୁଁ ଅସାମାଜିକ କାର୍ଯ୍ୟାକଳାପ ବୃଦ୍ଧି ପାଉଛି ଏବଂ ତାହା ସହିତ ପ୍ରତିଦିନ ଦୁର୍ଘଟଣା ଘଟି ଶହ ଶହ ଲୋକଙ୍କ ଜୀବନ ମଧ୍ୟ ଯାଉଛି । ସରକାର ଏହା ମଧ୍ୟ ଠିକ୍ କରିଛନ୍ତି ନୂଆ ମଦ ନୀତିରେ ଅଧିକ ଟିକସ ଲଗାଇବେ ଏବଂ ସାରା ମଦ ବିକ୍ରୀ ଉପରେ ଅଙ୍କୁଶ ଲଗାଇବାର ବ୍ୟବସ୍ଥା କରିବେ ।

ପୁରୁଣା ଅବକାରୀ ନୀତିକୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଲାଗୁ କରିବେ ଏବଂ ଏହା ପରେ ନୂଆନୀତିକୁ ପ୍ରଣୟନ କରିବା ପାଇଁ ସ୍ଥିର କରିଛନ୍ତି।

ଏବେକାର ସରକାରଙ୍କ ଆଉ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ନେଉଛନ୍ତି । ଭ୍ରଷ୍ଟାଚାରକୁ ରୋକିବା । ଏହା ମଧ୍ୟ ତାଙ୍କର ଇଲେକ୍‌ସନ୍ ଏଜେଣ୍ଡା ମଧ୍ୟରେ ଥିଲା। ଏହାକୁ ମଧ୍ୟ ବେଶ୍ ଜୋରସୋର କରି ଚାଲିଛନ୍ତି । ପ୍ରତିଦିନ ଜଣେ ନା ଜଣେ କୁବେର ଅଫିସର ଭିଜିଲାନ୍ସ ଜାଲରେ ପଡୁଛନ୍ତି ଏବଂ ସିଧାସଳଖ ଜେଲରେ ପହଞ୍ଚୁଛନ୍ତି । ଭିଜିଲାନ୍ସ ଏବେ ପ୍ରଶ୍ନ ଉଠୁଛି ଆଉ ସରକାରଙ୍କ ସମୟରେ କେଉଁଠି ଥିଲେ ? ଯେଉଁ କୁବେର ଇଂଜିନିୟରଙ୍କର ୧୩୫ ପ୍ଲଟ (ଜାଗା) ବାହାରିଛି ସେ ସବୁ କଣ ଦୁଇମାସ ତଳେ ତାଙ୍କ ପାଖରେ ନ ଥିଲା । ଯଦି ଥିଲା ତେବେ ଘର ସବୁ ରେଡ୍ ହେଉ ନଥିଲା କାହିଁକି ? ମନ୍ତ୍ରୀ ଏବଂ ବଡ଼ବଡ଼ ଅଫିସରଙ୍କ ଚାପରେ । ପୁଣି ପ୍ରଶ୍ନ ଉଠୁଛି ଏହା ଲୋକ ଦେଖାଣିଆ ନୁହେଁ ତ ? କିଛିଦିନ ଏଭଳି କରି ବନ୍ଦ ବାନ୍ଦ କରିଦେବେ । ଫେର ଯେମିତି ଚାଲିଥିଲା ସେମିତି ଚାଲିବ । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ମହିଳା ଅଫିସରମାନେ ମଧ୍ୟ ପଛରେ ପଡି ନାହାନ୍ତି । ଏମାନଙ୍କୁ ଏମିତି କେବେ ସରକାରୀ ଅଫିସରଙ୍କୁ ଜେଲରେ ପୁରାଇବେ ? ଜେଲରେ ଜାଗା ହବ ତ ? ମୋ ମତରେ ଏମାନଙ୍କୁ ଜେଲରେ ନ ପୁରାଇ ଶାସନ ସ୍ଥଳରେ କେମିତି ସୁଧାର ଆଣି ପାରିବେ ଚେଷ୍ଟା କରିବେ । ଫଳପ୍ରଦ ହେବ ଯଦି ସରକାର ନିଜେ ଭ୍ରଷ୍ଟାଚାରରେ ଲିପ୍ତ ନ ହେବେ । ଏହା ସମୟ ହିଁ କହିବ । ସେ ପର୍ଯ୍ୟନ୍ତ ଅପେକ୍ଷା କରିବା ।

## କବିତା କୋଣାର୍କ

### କବି ବଳରାମ ପୂଜାରୀ
**ସୁନୀଲ କୁମାର ପ୍ରଧାନ**

ଫେରିବକି ତୁମେ ହେ ପୂଜାରୀ ବାବୁ
ଥିଲ ସାହିତ୍ୟ ପୂଜକ
ମାଲକାନଗିରୁ ପଠାନ୍ତି ଶୁଭେଚ୍ଛା
ଥିଲ ମାଟିର ନାୟକ ।

ଆଜି ବି କବିତା ପୁଣ୍ୟ ପାଇଅଛି
ଆପଣଙ୍କର ସେ ସୃଷ୍ଟି
ମାଟି ମା ମନସ୍କ କରିଛି ଆମ୍ଭଙ୍କୁ

କୁଡୁମୁଲୁଗୁମ୍ମା ମାଟି ।
ପ୍ରିୟ କବି ତୁମେ କେବେ ବି ମରିନ

ସ୍ମୃତି ଅଛି ଅହେତୁକ
କେତେ କେତେ ଲେଖା ଭେଟି
ଦେଇଅଛ
ସେ ସବୁ ଅଟେ ମାର୍ମିକ ।
କବିର କବିତା କେବେ ମରିନାହିଁ
ସବୁଦିନ ସେ ଜୀବିତ
ଶ୍ରଦ୍ଧାଞ୍ଜଳି ମୁହିଁ ଜ୍ଞାପନ କରୁଛି
ଘେନ ମୋର ପ୍ରଣିପାତ ।

ପ୍ରଭୁ ଦୀନବନ୍ଧୁ ଦୟା ରଖିଥିବୁ
ତୋ ଭୂଜରେ ଲୀନ ଦେବୁ
ଅମର ଆତ୍ମାର କାମନା ପାଇଁକି
ସଭିଏଁ ବିନୟ ହେବୁ ।

ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

### ଅପେକ୍ଷା
**କୀର୍ତ୍ତନ ସାହୁ**

ଅପେକ୍ଷାର ସତଚାଳିଶ ବର୍ଷ
ତଥାପି ସେ ଫୁଲ ଫୁଟିନି
ବିତରିବା ପାଇଁ ସୁଗନ୍ଧ
ସ୍ୱାଧୀନତାର

ଉଇଁ ନାହିଁ ସେ ସୂର୍ଯ୍ୟ
ବିଛାରିବା ପାଇଁ ଆଲୋକ
ମହାର୍ଘ ପ୍ରେମର
ସଂଚରି ଯାଇଥିବ

ଘରେ ଘରେ ପ୍ରତି ହୃଦୟରେ
ଉତ୍ତୁରୀ ଉଠୁଥିବ ମହାଭାବର
ନିଅନ ଆଲୋକ
ସାରାଟା ଆକାଶରେ ବହୁଥିବ
ସମତାର ମୃଦୁ ମଳୟ

ଆଉ ଦଶନ୍ଧିର
ଅପେକ୍ଷା ନ ଥିବ
ପ୍ରତି ଶିଶୁଟିର ମୁହଁରେ

ଦେଖିବାକୁ ସନ୍ତୁଷ୍ଟିର ପୁଲକତା
ଆଉ କଷିବାକୁ ନ ଥିବ
ଖାଲ ଢିପର ଜଟିଳ ଗଣିତ
ଆଙ୍କିବାକୁ ନ ଥିବ

ରଫ ଖାତାର ଚିତ୍ର
ଖାଲି ଯାହା ଅବସର ଥିବ
ଯୋଡ଼ିବାକୁ
ବାସ୍ନାମୟ ପୃଷ୍ଠା ସବୁ ।
ଅଅଅ

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ:୯୪୩୮୪୧୪୭୦୧

### ପ୍ରେମିକା
**ସିଦ୍ଧେଶ୍ୱର ତ୍ରିପାଠୀ**

କେଜାଣି
ସିଏ କୋଉଠି ଥିବ
ଆଉ କେମିତି ଥିବ
ମୋତେ କେବେଠୁ ଭୁଲିଯିବଣି
ଆଉ ତା'ର ମନେ ପଡୁନଥିବ
ମୋ କଥା ।
କୁଆଡେ ଚିରି ଫିଙ୍ଗି ଦେଇଥିବ
ମୁଁ ଦେଇଥିବା ସବୁ ଉପହାରକୁ
ମୋବାଇଲରୁ ଡିଲେଟ କରିଦେଇଥିବ
ମୋ ଫଟୋ ଆଉ ଭିଡିଓ
ଆଉ ସବୁବାର୍ତ୍ତା
ଆଉ ତା ପାଇଁ ଲେଖା ହୋଇଥିବା
କବିତା ଗୁଡିକୁ ।
ସେ ଆଉ ଭାବୁ ନଥିବ ମୋ କଥା
ମୋ ପାଇଁ ଗାଉ ନଥିବ ଗୀତ
ଆଙ୍କୁ ନଥିବ ଛବି
ତା'ର ହାତ ସ୍ପର୍ଶର
କୌଣସି ହସ୍ତ କଳାରେ
ମୋ ସ୍ମୃତିରୁ ଟିକେବି ନଥିବ
ବିନ୍ଦୁକି ବିସର୍ଗ ।
ସକାଳରୁ ସଞ୍ଜ ସଞ୍ଜରୁ ରାତି
ସେ ବିତାଉଥିବ
ତା'ର ଯେତେ ସବୁ ନୂତନ ମୁହୂର୍ତ୍ତ
ନୂଆ ଠିକଣା ନୂଆ ମଣିଷ
ଧିରେ ଧିରେ ପୁରୁଣା ହେବେଣି
ତା' ପାଇଁ ।
ଅନେକ ପରିବର୍ତ୍ତନ ଆସିଥିବ
ତା ଦେହ ମନ ଆଉ ଜୀବନରେ
ଅନେକ ନୂଆ ଦାୟିତ୍ୱରେ
ସେ ବ୍ୟସ୍ତ ଆଉ ବିବ୍ରତ
ଆଉ ଆନନ୍ଦିତ ବି ହେଉଥିବ ।
ମୋ କଥା ଭାବିବାକୁ
ତା ପାଖରେ ବେଳ ନଥିବ
ନଥିବ ଆଗ୍ରହ ଅବା ଅନୁରାଗ ।
ହୁଏତ ମୋ ପରି ଅନେକ ଚରିତ୍ର
କାହିଁ କେବେ ଧସେଇ ପସିଥିବେ
ତାର କୁଆଁରୀ ମନ ଆକାଶକୁ
ସେ ସମସ୍ତେ ମିଞ୍ଜି ମିଞ୍ଜି ତାରାପରି
ମଉଳି ଯାଇଥିବେ
ଜଣେ କିନ୍ତୁ ଟିକି ମିକି କରୁଥିବ
ଅନେକ ତାରା ଭିତରେ
ଗୋଟିଏ ଜହ୍ନ ଭଳି
ତା ସିଂଥିର ସୁହାଗ ସିନ୍ଦୁର ରୂପରେ ।
ନିଦାଘ ଶ୍ରାବଣ ଶୀତ
ସବୁ ଏମିତି ଯାଉଥିବ ଆଉ ଆସୁଥିବ
ମୁଁ କିନ୍ତୁ ଜଳୁଥିବି ଭିତରେ ଭିତରେ
ଟିକିଏ ଏକେଲାପଣର
ସୁଯୋଗ ମିଳିଲେ
ସାଉଁଟି ବସିବି ଆଞ୍ଜୁଳା ଆଞ୍ଜୁଳା ଲୁହ
ସେଇ ଅତୀତର ମୋ ଫୁଲେଇ
ପ୍ରିୟାର ସ୍ମୃତିରେ ।
ଜାଣିଛ କାହିଁକି ?
ଆଜି ନୁହେଁ ସାରା ଜୀବନକୁ
କେହି କେବେ ଭରି ପାରିବେନି
ମୋ ଉଆଁସ ମନ ଆକାଶକୁ
ତା ପରି ଜହ୍ନ ଜୋଛନାରେ
ତା ପରି ଜହ୍ନ ଜୋଛନାରେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
ମୋ:୭୦୦୮୩୧୫୦୪୦

# ଭଲ ଲୋକ



ଘନଶ୍ୟାମ ପଲେଇ

ବଡ ଲୋକ ବା ପ୍ରଭାବଶାଳୀ ଲୋକର ମନ ନେଇ ବଞ୍ଚିବା ଅପେକ୍ଷା ଜଣେ ସାଧାରଣ ଲୋକ ହିସାବରେ ବଞ୍ଚିବା ବହୁତ ହି ଭଲ। କେହି ଚିହ୍ନି ନ ଥିବେ। ମୁକ୍ତ ବିହଙ୍ଗ ଭଳି ଉଡି ବୁଲୁଥିବ ଏ ଡାଳରୁ ସେ ଡାଳ। ନ ଥିବ କୌଣସି କଟକଣା। କିଛି ସାହାଯ୍ୟ ପାଇବା ଆଶାରେ ନ ଥିବ ଲୋକଙ୍କ ଅନାବଶ୍ୟକ ଆତିଥ୍ୟତା କିମ୍ୱା ଚାଟୁକାରିତାର ଚକ୍ରବ୍ୟୁହ। ସୁକାନ୍ତ ସାର ଠିକ୍ ଏଇ ଚିନ୍ତାଧାରାର ଜଣେ ମଣିଷ। ସେଇଥି ପାଇଁ ତ ଏଇ ଛୋଟ ସହରଟିକୁ ବଦଳି ହେଇ ଆସିବାର ମାସେ ଉପରେ ହେଲାଣି ହେଲେ ଅଫିସ ଷ୍ଟାଫ ଛାଡି ଅନ୍ୟ ଲୋକ ବିଶେଷ କେହି ଚିହ୍ନନ୍ତି ନାଇଁ। ପ୍ରଜାପତିଟେ ଭଳି ଉଡିବୁଲନ୍ତି ଏ ଦୋକାନ ସେ ଦୋକାନ। ମନ ଖୁସିରେ କିଣାକିଣି କରନ୍ତି ଘର ପାଇଁ ଯାବତୀୟ ଛୋଟମୋଟ ଜିନିଷ। ସଂନ୍ଧ୍ୟା ସମୟଟା ବି କଟେ ଅଜଣା ଲୋକଙ୍କ ଗହଳି ଭିତରେ।

ଆଜି ସଂନ୍ଧ୍ୟାରେ ବି ଚାଲି ଚାଲି ଯାଉଥିଲେ ବଜାରକୁ। ବାଟରେ ଦେଖା ହେଇଗଲା ଅଫିସରେ କାମ କରୁଥିବା ରମେଶବାବୁ ସହ। ନମସ୍କାର ଜଣାଇ ପଚାରିଲା--- ସାର ବଜାର ଆଡକୁ ଯାଉଛନ୍ତି କି? ଚାଲନ୍ତୁ ଯିବା। ମୋର ବି ଅଛି କାମ।

ସୁକାନ୍ତସାର୍ ମୁଣ୍ଡ ହଲେଇ କହିଲେ --- ହଁ, ବଜାରକୁ ହିଁ ବାହାରିଥିଲି। ଚାଲ !....

ରମେଶ ଗଦଗଦ୍ ହେଇ କହିଲା--- ସାର ଭଲ ହେଲା ଚାଲନ୍ତୁ। ଆଜି ଦେଖେଇ ଦେବି ଆମର କେଣ୍ଟିନ ପାଇଁ କେଉଁଠୁ ମାସିକିଆ ସଉଦାପତ୍ର ଆସେ।

ଟିକିଏ ରହିଯାଇ ପୁଣି କହିଲା --- ସାର ! ଆପଣ ଜାଣି ନାହାଁନ୍ତି... ଏଇଠି କିଏ ଭଲ କିଏ ଖରାପ। ଭଲ ଦୋକାନୀ କେତେଟା ସହିତ ପରିଚୟ କରେଇ ଦେବି--- ସେମାନେ ଉଚିତ୍ ଦରରେ ଠିକ ଜିନିଷ ଦେବେ ଆପଣଙ୍କୁ। ସେମାନଙ୍କ ବ୍ୟବହାର ଦେଖି ଆପଣଙ୍କୁ ଖୁସି ବି ଲାଗିବ। ଗ୍ରାହକ ତାଙ୍କ ପାଇଁ ଈଶ୍ୱର।

କଥା ହେଇ ହେଇ କେତେବେଳେ ଯେ ବଜାର ଭିତରେ ପଶି ଗଲେଣି ଜଣା ନାହିଁ। ବୁଲୁ ବୁଲୁ ସୁକାନ୍ତସାର କହିଲେ --- ମୋର ଗ୍ରୋସରୀ କିଛିଟା କିଣିବାର ଥିଲା।

ସୁକାନ୍ତ ସାରଙ୍କ ପାଟିରୁ କଥା ସରିବାକୁ ନ ଦେଇ ରମେଶ କହିଲା --- ଚାଲନ୍ତୁ ସାର ! ଆଗ ଦୋକାନକୁ। ଆମର କ୍ୟାଣ୍ଟିନର ସାମାନ୍ ସେଇଠୁ ଆସେ। ତା'ରି ପାଖରୁ ଶସ୍ତା ପଡିବ।

ଦୋକାନ ସାମ୍ନାରେ ଛିଡା ହେଇଛନ୍ତି କି ନାହିଁ କାଉଣ୍ଟରରେ ବସିଥିବା ମାଲିକ ଜଣଙ୍କ କହି ଉଠିଲେ---- ନମସ୍କାର, ରମେଶ ବାବୁ ! ନମସ୍କାର !... ଆସନ୍ତୁ ! ଆସନ୍ତୁ !... ବସନ୍ତୁ... କହି ଚିଆର ବଢେଇ ଦେଲେ।

ସୁକାନ୍ତ ସାର କିନ୍ତୁ ଚମକି ପଡିଲେ ସେଇ ଦୋକାନୀକୁ ଦେଖି। ଦୂରରେ ଛିଡା ହେଇ ରହିଲେ।

ରମେଶ ଦୋକାନୀକୁ କହିଲେ--- ଇଏ ! ଆମ ନୂଆ ସାର। ବଦଳି ହେଇ ଆସିଛନ୍ତି ଏଇ



ଅଳ୍ପ କେଇ ଦିନ ହେଲା।

ଦୋକାନୀ ସୁକାନ୍ତସାରଙ୍କ ମୁହଁକୁ ଅନେଇ ବଡ ବିଷର୍ଣ୍ଣ ଦିଶିଲା। ସଙ୍ଗେ ସଙ୍ଗେ ନ ଜାଣିଲା ଢଙ୍ଗୀରେ କହିଲା--- ସାର ! ନମସ୍କାର... । ଆସନ୍ତୁ ! ଏଇ ଚିଆରରେ ବସନ୍ତୁ। ଆଉ କହନ୍ତୁ... କ'ଣ ମଗେଇ ବି ଚା' ନା କଫି...

ରମେଶବାବୁ ସୁକାନ୍ତସାରଙ୍କୁ ଚୁପ୍ ଚୁପ୍ କହିଲେ... ଦେଖିଲେ ସାର ! କେତେ ଭଲ ଲୋକ। ସୁନ୍ଦର ବ୍ୟବହାର। ଆସନ୍ତୁ ଭିତରକୁ ଯିବା।

ସେପଟ ଦୋକାନରୁ ଆସୁଛି... କହି ଚାଲିଗଲେ ସୁକାନ୍ତ ସାର।

ତହିଁ ଆର ଦିନ ଅଫିସରେ ରମେଶଙ୍କୁ ଡକେଇ ଅଦେଶ ଦେବା ଭଙ୍ଗୀରେ କହିଲେ---- ସେଇ ଦୋକାନରୁ ଆମ କେଣ୍ଟିନ ପାଇଁ ଆଉ କୌଣସି ବି ଜିନିଷ ଆସିବ ନାହିଁ। ବରଂ ବୁଲି ବୁଲି ଛୋଟ ଛୋଟ ଦୋକାନମାନଙ୍କରୁ କିଣ। ହେଲେ ଭଲ ଲୋକଙ୍କ ପାଖରୁ ହିଁ ଆଣ... ଏତକ କହି ସାରି କେତେଟା ଦୋକାନର ନାମ ଲେଖା ଥିବା ଚିଠାଟେ ବଢେଇ ଦେଲେ।

ରମେଶବାବୁ ଆଶ୍ଚର୍ଯ୍ୟରେ ଆକ୍ତାମାକ୍ତା ହେଇ ଚିନ୍ତାରେ ବୁଡିଗଲେ। ବୁଝି ନ ପାରି ଆଁଟା କିନା ଚାହିଁ ରହିଲେ ସାର୍ଙ୍କ ଆଡିକି।

ସୁକାନ୍ତସାର ବୁଝେଇ କହିଲେ ଦୁଇ ଦିନ ପୂର୍ବର ସେଇ ଘଟଣାକୁ। ତାଙ୍କରି ଦୋକାନରୁ ଛୋଟ ଜିନିଷଟେ କିଣି ପଚାରିଲେ... ଆଜ୍ଞା ! କେତେ ଟଙ୍କା ହେଲା ?

ଦୋକାନୀ ତେଢା କିନା କହିଲା--- ଭିତରେ ଆସି ଦଶଟା ଟଙ୍କାର ଜିନିଷ କିଣି କହୁଛ କେତେ ହେଲା...। ଦଶଟଙ୍କା ଦିଅ ....

ଖୁଚୁରା ଟଙ୍କାକିଆ ଗେଡି ସବୁ ଭାରି କରୁଥିଲା ପର୍ସକୁ। ହାଲକା କରିବାକୁ ଯାଇ ଗଣି ଗଣି ଦଶଟଙ୍କା ଦୋକାନୀ ମହାଶୟଙ୍କୁ ବଢେଇ ଦେଲେ।

ଦୋକାନୀ ତାଙ୍କ ଆଡକୁ କଟମଟ କରି ଚାହିଁ କହିଲା --- ଗେଡି ପଇସା ଚାଲୁନି ଏଇଠି। ନେଇ ଯାଅ... କହି ଠେଲି ଦେଲା ପଇସା ତକ ତାଙ୍କ ଆଡିକି।

ଅଚିହ୍ନା ଥିବାରୁ ସିନା ଜାଣିପାରିଲେ ତା' ବ୍ୟବହାରକୁ। ତା'ର ଭଲଲୋକୀ ପଣକୁ। ସତରେ ଭଲ ଲୋକ ତ ସିଏ... ଯିଏ ଅଚିହ୍ନା ଲୋକଙ୍କୁ ବି ଭଲ ବ୍ୟବହାର ଦେଖାଏ।

ରମେଶବାବୁ ଏଣ୍ଡୁଅ ଭଳି ମୁଣ୍ଡ ହଲେଇ କହିଲେ --- ହଁ ସାର ! ବୁଝିଗଲି... ବୁଝିଗଲି...। ଏଇ କଥା ଖାଲି ଦୋକାନ କାହିଁକି ସବୁ କ୍ଷେତ୍ର ପାଇଁ ବି ଅଟେ ପ୍ରଯୁଜ୍ୟ।

+ବଡ ଆମୁଁଣି, ଝୁମ୍ପୁରା, କେନ୍ଦୁଝର-୩୧,
ମୋ- ୯୪୩୭୭୧୮୫୦୦

# ପନିକି



ସୁନନ୍ଦା ମହାନ୍ତି



ସେଦିନ ଶ୍ରେଣୀରେ ପାଠ ପଢ଼େଇ ସାରିବା ପରେ ସୁରେନ୍ଦ୍ର ସାର ସମସ୍ତଙ୍କ ନାମ ଦେବା ଆରମ୍ଭ କରିଦେଲେ, କାହାକୁ ଗୋଲାପ, କାହାକୁ ନଡ଼ିଆ, ତେନ୍ତୁଳି, ତ କାହାକୁ ରସଗୋଲା ତ କାହାକୁ ଗୁଡ଼ି ହେଲେ ତାଙ୍କ ପାଳି ଆସିଲା ବେଳକୁ 'ପନିକି।' ସାର ନାମକରଣ କରିସାରିବା ପରେ ସମସ୍ତେ ଯାଇ ତାଙ୍କ ପାଦ ତଳେ ମୁଣ୍ଡିଆ ମାରୁଥିଲେ, ଆଉ ମୁଁ ଜେଜେମାଙ୍କ କଥା ମନେ ପକାଇ ଭାବୁଥିଲି ଗୁରୁ ଅର୍ଥ ଅଜ୍ଞାନ ଦୁରେଇ ଆଲୋକ ଦିଅନ୍ତି, କୁସଂସ୍କାର ଅନ୍ଧ ବିଶ୍ୱାସ ଦୁରେଇ ଜ୍ଞାନ ବାଣ୍ଟନ୍ତି। ପୁଣି ତାଙ୍କଠୁ ଶିକ୍ଷା ପାଇ ଓ ପରୀକ୍ଷା ଦେଇ ଏକଲବ୍ୟ, ଆରଣୀ, ଉପମନ୍ୟୁ ଇତ୍ୟାଦି ଶିଷ୍ୟ ମାନେ ଆଜି ଅମର, ପୁଣି ଗାନ୍ଧୀ, ଗୋପବନ୍ଧୁ, ଶାସ୍ତ୍ରୀ, ନେହେରୁ ଇତ୍ୟାଦି ବୀର ପୁରୁଷ ମାନଙ୍କର ଗୁରୁ ଭକ୍ତିର ପଟାନ୍ତର ନାହିଁ, ତ ଆମ ସାର ମତେ ପନିକି କହି କୋଉ ଶିକ୍ଷା ଦେଲେ ଭାବି ମୁଁ ଯାଇନଥିଲି ମୁଣ୍ଡିଆ ମାରିବାକୁ ତ ସାର ନିଜେ ମୋ ପାଖକୁ ଆସିଥିଲେ ଆଉ ମୋ ନାମକରଣ ମତେ ଭଲ ଲାଗିଲା ନାହିଁକି ପଚାରିଥିଲେ ତ ମୁଁ ଦୁଃଖର ଫାଟି ପଡି କାନ୍ଦୁଥିଲି ହେଙ୍କା ଉଠେଇ ସେଦିନ, ଆଉ ସାର ଯେବେ ମୋ ମୁଣ୍ଡ ଆଉଁସି କହିଥିଲେ, ଆରେ ମାଆ ତୁ ଏବେ ଛୋଟ, ତୁ ଯେବେ ବଡ ହେବୁ ମୋ ନାମ କରଣ ଅର୍ଥ ବୁଝିଯିବୁ। ପନିକି ଯେପରି ସବୁର ଅଳିଆ କାଟିଦେଇ ଭଲ ବା ସାରାଂଶ ତକ ରଖିଥାଏ ଆମଖାଦ୍ୟ ଉପଯୋଗୀ ହେବାପାଇଁ, ତୁ ସେମିତି ବଡ ହେଲେ କରିବୁ, ସେଦିନ ଷଷ୍ଠ ଶ୍ରେଣୀରେ ଏକଥା ଜମା ମୋ ମୁଣ୍ଡରେ ପଶି ନଥିଲା, ହେଲେ ପରବର୍ତ୍ତୀ ସମୟରେ ଶିକ୍ଷକଟିଏ ହେବା ପରେ ପ୍ରତିବର୍ଷ ମୁଁ ଅନେଇଥାଏ ଗୁରୁ ଦିବସକୁ, ଏହି ଗପଟି କହେ କଥା ପ୍ରସଙ୍ଗରେ, ପିଲାଏ କଣ ବୁଝି ପାରିଲ କି ? ପିଲାଏ ଉତ୍ତର ଦିଅନ୍ତି ଆଜ୍ଞା, ସବୁ କଥାକୁ ଆସ୍ତି ସୂଚକ ଭାବେ ଗ୍ରହଣ କଲେ ମନରେ ଦ୍ୱନ୍ଦ୍ୱ ରହିବନି, ପୁଣି କିଏ କହେ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ପରା ଗୋଟେ ଗୋଟେ ପନିକି। ସତରେ ଖରାପ କଥା ରୂପୀ ଅଳିଆକୁ ଶୁଣିବାନାହିଁ, ଖରାପ କଥା ରୁପି ଅଳିଆକୁ ଦେଖିବା ନାହିଁ ଖରାପ କଥା ରୂପୀ ଅଳିଆକୁ କହିବାନାହିଁ, ଏ ତିନି ଗୋଟି କାମ ପନିକି, କରିନଥାଏ କି ! ପରବର୍ଷ ଗୁରୁଦିବସରେ ଗୋପବନ୍ଧୁଙ୍କ ଗୁରୁଭକ୍ତିର ନିଦର୍ଶନ, 'ପୀଡିତ ଗୁରୁ ସେବା କରିବାକୁ ଯାଇ ଗୁରୁ ଲେମ୍ବୁ ଟିଏ ପାଇଁ ଚାହାନ୍ତି ତ କେତେ କେତେ କିଲୋମିଟର ବାଟ ଚାଲି ଗୋପବନ୍ଧୁ ଲେମ୍ବୁ ବଗିଚାରେ ପହଁଚନ୍ତି ସତ ହେଲେ ମାଳୀକୁ ନପଚାରି ଲେମ୍ବୁ ନେବେ କେମିତି, ପୁଣି ମାଳି ନିଦ୍ରାଗତ ତ ଉଠେଇବେ କେମିତି, ତ ମାଳୀଙ୍କ ପାଦ ଘସିଛନ୍ତି ବସି, କିଛି ସମୟ ପରେ ମାଳି ଉଠି ଗୋପବନ୍ଧୁଙ୍କ ତାଙ୍କ ପାଦ ଘସିବାର କାରଣ ପଚାରନ୍ତେ, ସବୁ ଶୁଣି ମାଳି କୁଣ୍ଢେଇ ପକେଇଛନ୍ତି ଗୋପବନ୍ଧୁଙ୍କୁ, ଓ ଲେମ୍ବୁ ନେଇ ପୁଣି ସେତିକି ବାଟ ଫେରି ଅସୁସ୍ଥ ଗୁରୁଙ୍କୁ ଲେମ୍ବୁ ଜଳ ପାନ କରାଇଛନ୍ତି,'ସୁସ୍ଥ ହେଲା ପରେ ଗୁରୁ ସବୁ ଜାଣିପାରି ଗୋପବନ୍ଧୁ ଯେ ଦିନେ ଦେଶର ନାମ ଓ ନିଜ ନାମ ରଖିବେ ଜାଣି ପାରିଛନ୍ତି। ପିଲାଏ ଏ ଗପ ଶୁଣି ପାଟିକରନ୍ତି, ଏହା ଆମେ ବହିରୁ ପଢ଼ିଛୁ ଆମକୁ ସେହି ପନିକି, ବିଷୟ କୁହନ୍ତୁ, ମୁଁ ହସିଦିଏ, ପିଲାଏ ଅପେକ୍ଷା କରନ୍ତି ଗୁରୁଙ୍କ ଠୁ କିଛି ଶୁଣିବାକୁ ଜାଣିବାକୁ, ଗୁରୁଦିବସ ଆସୁ ନ ଆସୁ, ପ୍ରତିଦିନ, ପ୍ରତିଟି କ୍ଲାସ ରେ ବିଷୟ ସହ କିଛି ଶିଖିବାକୁ ପିଲାଏ ଅପେକ୍ଷା କରନ୍ତି ଗୁରୁଙ୍କୁ।

+ପୁରୀ, ସାକ୍ଷିଗୋପାଳ
ମୋ:୯୦୪୦୯୭୭୩୨୭

# ଶ୍ୟାମଳ ବର୍ଣ୍ଣର ଶୋକ



ପ୍ରଫୁଲ୍ଲ ବାରିକ



କେଇଦିନ ହେବ ଗୋଟେ ଅଜବ ନିସା ଚଢ଼ିଛି ସୁଶାନ୍ତ ମଥାକୁ । ଅବସ୍ଥା ଇମିତିଯେ ଖାଇବା ଶୋଇବା, ଅଫିସ ଯିବା, ଘରେ ଭଲମନ୍ଦ ବୁଝିବା ସବୁ ଠିକ ଚାଲିଥିବାବେଳେ ଉଭେଇ ଯାଇଛି ମନରୁ ଶାନ୍ତି। ସବୁବେଳେ ଗୋଟେ ଖୋଜିଲା ଖୋଜିଲା ଭାବ। ଅନ୍ୟମନସ୍କତାରେ ମୁହୂର୍ତ୍ତମାନ। କଥା ଏୟାଯେ ମଥାକୁ ପସିଛି ସିଏ ଲେଖକ ହେବ। କବି କି ଗାଳ୍ପିକ କିଛି ଗୋଟାଏ ହେବ। ଭାବନାତ ନିଶ୍ଚିତ ଭଲ। ହେଲେ ହେବା କେତେଦୂର ସମ୍ଭବ, ସମୟ କହିବ।

ଇମିତି ଭାବନାଯେ ତାର ଆକସ୍ମିକ, ଆକାଶରୁ ପଡିବାପରି, ତା ନୁହେଁ। ଯୋଉ ବଳିଷ୍ଠ କାରଣ ଦି'ଟା ନିହିତ ଏହା ପଛରେ, ତାକୁ କେବେ ଅଣଦେଖା କରି ହେବନି। ଶରତ ତା ସହକର୍ମୀ, ପୁଣି ସମବୟସ୍କ। ସିଟ ପାଖରେ ସିଟ। ଭଲପାଏ ତାକୁ ଖାଲି ବନ୍ଧୁ ଖାତିରିରେ। ଅନ୍ତରରେ ନୁହେଁ। ପିଲାଟା ଗୋଟାପାଣି କାମଚୋର। ଖିଆଲି। ଆପଣା ମର୍ଜିରେ ମହାରାଜ। ଇଛା ହେଲାତ କାମ କଲା। ନାଇଁତ ସିଟରୁ ଉଠି ଗପିବ ଆଉ କୋଉଠି ଯାଇ ଘଣ୍ଟାଘଣ୍ଟା। ଏଣେ ସିଟ ପାଖରେ ଲୋକଙ୍କ ଭିଡ଼। କେତେବେଳେ ବସିବସି ମାଗଜିନ ପଢୁଥିବ, ନାଇଁତ ଲେଖୁଥିବ। ଭାରି ଭାଉ ତା'ର ଲେଖାଲେଖି କରେବୋଲି । ବାହାରିଥିବା ଲେଖାକୁ ଦେଖାଉଥିବ ବୁଲିବୁଲି ସିଟ ସିଟ । ତେବେବି ତାକୁ ସେ ପସନ୍ଦ କରେ। ଏଥିପାଇଁଯେ ଲେଖା ତା'ର ଭଲ । ତାକୁ ଅସ୍ୱୀକାର କରି ହେବନି। ଗପଗୁଡିକ ତାର ଜୀବନ୍ତ । ଭାରି ବାସ୍ତବଧର୍ମୀ।

ସେଦିନ ଫାଇଲରେ ଗୋଟେ ଦସ୍ତଖତ ପାଇଁ ଯାଇଥାଏ ଅଫିସରଙ୍କ ପାଖକୁ । ଅଫିସର ବ୍ୟସ୍ତ ଥାଆନ୍ତି କାମରେ। ଠିଆ ହେଇଥାଏ ସିଏ ଅପେକ୍ଷା କରି । ବୋଧେ ଡାକିଥାଆନ୍ତି କି କ'ଣ ଶରତକୁ, ପହଂଚିଲା ଆସି ସେ । ଅଫିସର କାମ ଛାଡି ଗଦଗଦ ପୂର୍ବକ ଶରତକୁ ବସିବାକୁ କହିଲେ। ଶରତ ବସିଲା ସାମ୍ନା ଚେୟାରରେ ସହାସ୍ୟ। ଅଥଚ କାମପାଇଁ ଯାଇ ସେ ଠିଆ ହେଇଥାଏ। ବସିବାକୁ କହିବାତ ଦୂର, ମୁହଁ ଉଠେଇ ଅନଉ ନଥାଆନ୍ତି ପାଖାପାଖି ପାଞ୍ଚସାତ ମିଣ୍ଟି ହବ ଆସିବା ସତ୍ୱେ । ଅଫିସର ଶରତର କର ମର୍ଦ୍ଦନ ପୂର୍ବକ କହିଲେ, ତମ ଗପ ପଢ଼ିଲି ପତ୍ରିକାରୁ। କଣ ଲେଖିଛମ'..। ଲାଗିଲା ଯିମିତି ଘଟଣା ଘଟିବାର ଦେଖୁଚି ଆଖିରେ । ଶେଷକୁ ପାଣି ଆସିଗଲା ଆଖିରେ। କିମିତି ଲେଖ ଏସବୁ ? କୋଉଠୁ ଆସେ ଯେ ଭାବନା ? ମାନିବାକୁ ହେବ । ଅଫିସ ଗର୍ବିତ ତମକୁ ଷ୍ଟାଫ ଭାବେ ପାଇ।

---- ନାଇଁ ସା'ର...., ଆପଣଙ୍କୁ ଭଲ ଲାଗିଛି, ମୁଁ ଖୁସି। ସେଇ ମୋ ଲେଖାର ସାର୍ଥକତା।

ଶରତ ହାତ ମଳି କହିବା ବେଳେ ବେଶ ଉଲ୍ଲସିତ ଲାଗୁଥିଲା।

----- ମୋର କାମନା, ତମେ ଆହୁରି ଅଧିକରୁ ଅଧିକ ଲେଖ । ସଚ୍ଚା ସାହିତ୍ୟିକଟିଏର ପରିଚୟ ରଖ। ମୁଁ ଏଥର ସିସିଆରରେ ସ୍ପେଶାଲ ରେକମେଣ୍ଡେସନ ଦେଇ ପଠାଉଛି ଫାଇଲ ଉପରକୁ। ଇଣ୍ଟିତ ଆପଣ ସ୍ପେଶାଲ ପ୍ରମୋଶନର ହକଦାର ।

----- ମୁଁ ଆସୁଛି ସା'ର.....

କହି ଶରତ ଯୁଦ୍ଧଜିଣା ସୈନିକଟି ପରି ଫେରିଲା ସିଟକୁ।

ନିରବରେ ସାଇନ କରି ଫାଇଲ ବଢ଼େଇ ଅଫିସର କହିଲେ ସୁଶାନ୍ତ ବାବୁ, ଫାଇଲ ଆଉଟିକେ ଆର୍ଲି କ୍ଲିୟର କରିବାକୁ ଯତ୍ନବାନ ହୁଅ। ସାଧାରଣ କମ୍ପ୍ଲେନ ନଆସେ ଯିମିତି। ଯାଅ ..

ଧକ୍କା ଖାଇବା ଭଳି ଫାଇଲ ହାତରେ ଆସିଲା ସୁଶାନ୍ତ ସିଟକୁ। ସେଦିନ ଘଟଣାର ପ୍ରଭାବ ଥିଲା ତା ଉପରେ ଗଭୀର।

ଇଏ ହେଲା ପ୍ରଥମ ଓ ମୁଖ୍ୟ କାରଣ। ଦ୍ୱିତୀୟଟି ହେଲା, ଚାକିରୀ କରି ସଂସାର ବସେଇବା ପରେ ଜୀବନଚକ ଧରିସାରିଛି ଗଡିବାର ଅସଲ ଗୁଳା। ଏକପ୍ରକାରେ ଏଣିକି ଚିନ୍ତା ମୁକ୍ତ,ସ୍ୱସ୍ଥ ସିଏ। ହାତରେ ସମୟ ଯଥେଷ୍ଟ। କରିପାରିଲେ ବହୁତ କିଛି ହେବ । ନପାରିଲେ ମୂଲ୍ୟବାନ ସମୟ ଆଖି ଆଗରେ ଭାସିଯିବ ବିନା ଉପଯୋଗରେ । ସେଇଠୁ ଭାବୁଛି ଲେଖାଲେଖି ପରି କାମଟିଏ ଯଦି ଆପଣାନ୍ତା, ସବୁ ଦୃଷ୍ଟିକୋଣରୁ ସୁନ୍ଦର ହୁଅନ୍ତା । ପଇସାର ନାଇଁ ଆବଶ୍ୟକ । ଖାତିରତ ବଢନ୍ତା । ସେଇଠୁ ଘାରିଛି ନିସା ଲେଖକ ହେବାର।

ସପ୍ତାହେ ବିତିଲାଣି, ଗଳ୍ପ ଲେଖିବାତ ଦୂର, ଗଳ୍ପର କାହାଣୀ ଠାବ କରି ପାରୁନି । ଖୋଜି ଖୋଜି ବିରକ୍ତି ଆସିଲାଣି । ଶେଷକୁ ଗଳ୍ପରୁ ମୁହଁମୋଡି ମୁହେଁଇଲା କବିତାକୁ । ଭାବିଲା ଗଳ୍ପଲେଖା ବିରାଟ ବ୍ୟାପାର । କାହାଣୀ ସେଟକରି ପାଞ୍ଚସାତ ପାଖ ଲେଖିବାକୁ ଧୈର୍ଯ୍ୟ ନାଇଁ ତାର । ସେ ଯାଗାରେ ପାଞ୍ଚଦଶ ଧାଡ଼ିରେ କବିତା ଲେଖାଯାଇପାରେ । ନା କାହାଣୀର ଆବଶ୍ୟକତା , ନା ଘଟଣାର ଘନଘଟା । ଶବ୍ଦ କେଇଟିର ବ୍ୟବହାର ଠିକସେ କରିପାରିଲେ କବିତା । ପ୍ରସଙ୍ଗ ଅପ୍ରସଙ୍ଗ ଯାହା ହେଲେବି ହେବ ।

ତା'ବି ଅସମ୍ଭବ ଜାଣି ସୁଶାନ୍ତ ଏକ ପ୍ରକାରେ ହେଇଗଲା ହତୋତ୍ସାହ । ଭାବିଲା ସାହିତ୍ୟ ତା ପାଇଁ ନୁହେଁ । ବୁଝେଇଲା ମନକୁ । ବଢ଼େଇଲା ଧୈର୍ଯ୍ୟର ପାରାକୁ ଆଉ ଦି'ଡିଗ୍ରୀ ଅଧିକ । ଏଥର ବଜାରରୁ କିଣିଲା ପତ୍ରିକା କେଇଖଣ୍ଡ । ସନ୍ଧ୍ୟାରେ ବସି ପଢିଲା ଖାଲି କବିତା ମାନଙ୍କୁ । ଉଦ୍ଦେଶ୍ୟ, ସମସାମୟିକ କବିତା ମାନଙ୍କ ସ୍ୱରୂପ, ସ୍ଥିତି ଓ ସୃଷ୍ଟି ସମ୍ପର୍କରେ ଜ୍ଞାନ୍ତ ହେବା । ତା'ରି ଭିତରୁ ଧରିବାର ଅଛି ଖିଅ । ସଳଖୁ ସଳଖୁ ପାଇବ ଲେଖିବାର ଧାରା । ଆଉ ଥରେ ପାଇଗଲେ ସେଣିକି ମୈଦାନ ମେଲା । ଚାଲୁଥାଅ ଆଗକୁ ଆପଣା ଆପଣା ସାମର୍ଥ୍ୟ ନେଇ ।

ପ୍ରାୟ ଦଶ ବାରଟି କବିତା ପଢିଲାଣି । ପ୍ରଥମ ଆଗ୍ରହରେ ପଡିଲାଣି ଭଟ୍ଟା । ସୁଅ ଏଣିକି ଉଜାଣି । ବିରକ୍ତିରେ ରୁନ୍ଧି ଯାଉଛି ନିଶ୍ୱାସ । ସବୁଠି ଖାଲି ପ୍ରେମ । ଶବ୍ଦଶୈଳୀ ଭିନ୍ନତାରେ ଭାବ ଏକା । ସେଇ ପ୍ରେମ । ଲାଗୁଚି ଯିମିତି ପ୍ରେମକୁ ଛାଡି ଆଉ କିଛିନାଇଁ ଦୁନିଆଁରେ । ପ୍ରେମ ରାସ୍ତାରେ ସାଥି ଫୁଲ ଫଗୁଣ, ଜହ୍ନ ଆକାଶ, ପକ୍ଷୀ ପ୍ରଜାପତି, ପାହାଡ଼ ଝରଣା ଇତ୍ୟାଦି ଇତ୍ୟାଦି। କ୍ଷେତ୍ର ନେଇ ବ୍ୟବହାର । ମନକୁ ଆଣିଲା ସେସବୁକୁ । ପ୍ରଗଳ୍ଭ ହେବାକୁ ଚେଷ୍ଟା କଲା । ହେଲାନି। ଜମାରୁବି । ପ୍ରେମରେ ନିହିତ ସେସବୁକୁ ଆଜିଯାଏ ନା ସିଏ ଅନୁଭବିଚି, ନା ଆଗ୍ରହ କରିଛି ସେ ଦିଗରେ । କିମିତି କରନ୍ତା ଭଲା ? କେବେତ ଦିନେ ଅନେଇନି ପୁନେଇଁ ଆକାଶର ଜହ୍ନକୁ । ଦେଖିନି ପୋଖରୀରେ ପଦ୍ମର ଦୋଳି। ନା ଶୁଣିଛି ପକ୍ଷୀଙ୍କ କାକଳି, ନା ଝରଣାର ଝିରି ଝିରି ମଧୁର ସଂଗୀତ । ସେସବୁଯେ ନୂଆ, ଅଦେଖା ତା ପାଇଁ, ତା ନୁହେଁ । ଅସଲରେ ବ୍ୟସ୍ତତା ଭିତରେ ଧ୍ୟାନ ଦେଇନି ସେସବୁ ପ୍ରତି । କି ଅନୁଭବିନି ସେସବୁର ଆକର୍ଷଣ ଓ ଆବଶ୍ୟକତାକୁ । ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମନେଇ କ'ଣ ଅନୁଭବି ହୁଏ ଏସବୁ ? ଜନ୍ମରୁ ଏଯାକେ ଜୀବନ ବିତିଛି ହା ହୁତାସର ଘୋଡା ଦୌଡ଼ରେ । ତା ଭିତରେ ଦି'ଅକ୍ଷର ପାଠ କିମିତି ସମ୍ଭବ ହେଇଚି । ବିଏ ପାସ ପରେ ବୋଉ ତା'ର ପୂଜା ଦେଇଥିଲା ମନ୍ଦିରରେ ଯାଇ । ଯିମିତି ଗୋଟେ ବିରାଟ ପ୍ରାପ୍ତିର ବିଜୟୀ ସିଏ ।

ପିଲାଦିନେ ପାଠସହ ବାପାଙ୍କୁ ଚାଷରେ ସାହାଯ୍ୟ କରିବା, ମେଟ୍ରିକରେ ଡିଭିଜନ ପାଇବାକୁ ରାତି ଦିନ ଏକାକାର କରିବା, ଏକା ମାନସିକତା ଓ ବ୍ୟସ୍ତତାରେ କଲେଜବି କଟିଲା । ପାସ ପରେ ଇଣ୍ଟର୍ଭିଉ ପରେ ଇଣ୍ଟର୍ଭିଉ । ସେଥିପାଇଁ ମହା ସମରର ପ୍ରସ୍ତୁତି । ଯା'ହେଉ, ହତାସ ହେବା ପୂର୍ବରୁ ପଡିଲା ପ୍ରଭୁଙ୍କ ସୁଦୃଷ୍ଟି । ହଉପଛେ ଏଲ ଡି ସି, ସରକାରୀ ଅଫିସରେ ସ୍ଥାୟି କର୍ମଟିଏ ପାଇ କମଖୁସି ହେଇନି । ତା ସମେତ ତା ପରିବାର । ଚାକିରୀ ପାଉପାଉ ବାହାଘର । ସସ୍ତ୍ରୀକ ସହରରେ ରହିବାକୁ ଭଡାଘର ଖୋଜା । ଜୀବନ ବ୍ୟବସ୍ଥିତ ହେଉହେଉ ବିତିଗଲାଣି ପାଖାପାଖି ଅର୍ଦ୍ଧେକ ଜୀବନ । ତା ଭିତରେ ଅଛି ପରିବାରର ଦାୟ ଦାୟିତ୍ୱ । ଯା'ହେଉ, ଏଣିକି ଟିକେ ହାଲ୍କା ସେସବୁଥିରେ। ଜୀବନ ଏବେ ଗୁଳାରେ । ହାତରେ ସମୟ ପାଇ ଲେଖାଲେଖି ଆଡକୁ ମନ ବଳିଲାତ ନା ଧରା ଦଉଚି ଗପ, ନା କବିତା । ଜୀବନରେ ଯୋଉ ସବୁକୁ ଅଣଦେଖା କରିଆସିଛି, ଆଜି ସାହିତ୍ୟ ସୃଷ୍ଟି ପାଇଁ ତାଙ୍କ ଦ୍ୱାରାସ୍ତ ହେଲେ ସେ ଜହ୍ନ ହେଉ କି ଫୁଲ କି ଫଗୁଣ, କୋଉ ଧରା ଦେଉଛନ୍ତି ? ନା ଦେଖିଲେ ସେସବୁକୁ ଆସୁଛି ମନରେ ଉନ୍ମାଦନା ନା ଭାବପ୍ରବଣତା, ଯାହା ସାହିତ୍ୟ ପାଇଁ ଆବଶ୍ୟକ ଏକାନ୍ତ ।

ବିରକ୍ତିରେ ବିଷେଇ ଗଲା ସୁଶାନ୍ତର ମନ । ସାହିତ୍ୟ ତା ପାଇଁ ନୁହେଁ । କେବେବି ନୁହେଁ । ଭାବି ଠେଲିଦେଲା ପତ୍ରିକା ସମେତ କାଗଜ କଲମ ପାଖରୁ । ଦେଇ ଉଠିଗଲା ପୁଳେ ପବନ ପିଇବାକୁ ବାହାରକୁ।

+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ. ୯୨୩୮୯୨୦୪୦୫

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କୁନ୍ଦୁଲି ହାଟରେ ପାଳିତ ହେଲା ଆନ୍ତର୍ଜାତିକ ବିଶ୍ୱ ଆଦିବାସୀ ଦିବସ

ଜୟପୁର, ୧୧/୦୮ (ନି.ପ୍ର): ଜନଜାତି ଅଧ୍ୟୁଷିତ ଅଂଚଳ କୋରାପୁଟ ଭଳି ଜାତୀୟ ସ୍ତରରେ ହାରାହାରି ୧୧ ପ୍ରତିଶତରୁ କମ୍ ଅନୁପାତ ଥିବା କମ୍ ଶିକ୍ଷାଗତ ଯୋଗ୍ୟତା ଲୋକମାନଙ୍କୁ 'ସମାନତା ଏବଂ ଉପଲବ୍ଧତା' ସମସ୍ୟାର ସମାଧାନ କରିବା ଏବଂ ଗୁଣାତ୍ମକ ଉଚ୍ଚଶିକ୍ଷାର ମାନଙ୍କୁ ବୃଦ୍ଧି କରିବା ପାଇଁ ଭାରତ ସରକାରଙ୍କ ନୀତି ସହିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଆନୁକୂଲ୍ୟରେ କୁନ୍ଦୁଲି ହାଟ ଅଂଚଳରେ ୧୦ ଅଗଷ୍ଟ ୨୦୨୪ ଅନ୍ତର୍ଜାତୀୟ ବିଶ୍ୱ ଜନଜାତି ଦିବସ ପାଳନ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଜନଜାତି ଯୁବକମାନଙ୍କୁ ସଶକ୍ତ କରିବା ଏବଂ ଇକୋ-ଟୁରିଜିମ୍ ରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଏହି କାର୍ଯ୍ୟକ୍ରମର ଶୀର୍ଷକ ରହିଥିଲା । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିଷ୍ଣୁ ଚରଣ ବାରିକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଂଟ ର ପ୍ରିନ୍ସିପାଲ ପ୍ରଫେସର ଶାରଦା ଘୋଷ ଯୋଗ ଦେଇଥିଲେ। ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ, ଆଦିବାସୀ ବିକାଶ ପରିଷଦର ଉପଦେଷ୍ଟା ତଥା ନେତାଜୀ ସୁଭାଷ ଜନ୍ମ ଭୂମି ଯାତ୍ରାର ଆବାହକ ଦେବୀ ପ୍ରସାଦ ପୃଷ୍ଟି, ସାମାଜିକ କର୍ମୀ ଜି ଜନ୍, ଉଦ୍ୟୋଗୀ ତଥା ସାମାଜିକ କର୍ମୀ ଯୁଗବ୍ରତ କର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା ଓ ସିୟୁଓର ଆସୋସିଏଟ୍ ପ୍ରଫେସର ନିର୍ଝରିଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆସୋସିଏଟ୍ ପ୍ରଫେସର ତଥା କାର୍ଯ୍ୟକ୍ରମର ସଂଯୋଜକ ଡ. କପିଳ ଖେମୁଣ୍ଡୁ ସ୍ୱାଗତ ଭାଷଣ ଦେବା ସହ ସେମିନାର ଆୟୋଜନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଉଦ୍ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ଅଂଚଳର ଲୋକଙ୍କ ସାମାଜିକ-ଅର୍ଥନୈତିକ ମାନ ବିକାଶ ପାଇଁ ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶ୍ୱବିଦ୍ୟାଳୟର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। କୋରାପୁଟ ଇକୋ ଟୁରିଜିମ୍ ପାଇଁ ଉପଯୁକ୍ତ ଏକ ସୁନ୍ଦର ସ୍ଥାନ ଯେଉଁଠାରେ ସ୍ଥାନୀୟ ଆଦିବାସୀ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେଉଛି ସ୍ଥାନୀୟରୁ ବିଶ୍ୱସ୍ତରୀୟ ମାଧ୍ୟମ ଏବଂ କୋରାପୁଟର ସାମର୍ଥ୍ୟକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ଇକୋ ଟୁରିଜିମ୍ ଓ ରୋଜଗାର ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ସେମିନାରର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଭବିଷ୍ୟତରେ ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶାର ଅର୍ଥନୈତିକ ପ୍ରଗତିରେ ଅଗ୍ରଣୀ ଯୋଗଦାନ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ପୂର୍ବତନ ଟାଗୋର ଜାତୀୟ ଫେଲୋ, ପ୍ରଫେସର ବାରିକ କୋରାପୁଟରେ ପରିବେଶ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। କୋରାପୁଟ ପର୍ଯ୍ୟଟନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଥିବାବେଳେ ଏହାର ଉପଯୁକ୍ତ ବିକାଶ ହେଲେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ ଭାବେ ସ୍ଥାନିତ କରାଯିବ। ବିକାଶ ପ୍ରକ୍ରିୟାରେ ଗ୍ରାମୀଣ ଯୁବକଯୁବତୀଙ୍କୁ ନିୟୋଜିତ କରି ଏହା କରାଯାଇପାରିବ। କୋରାପୁଟର ପର୍ଯ୍ୟଟନ ଅଂଚଳର ଭିତିଭୂମି ବିକାଶ ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟକମାନେ କୋରାପୁଟ ଗନ୍ତବ୍ୟସ୍ଥଳର ରାଷ୍ଟ୍ରଦୂତ ହୋଇପାରିବେ ବୋଲି ସେ କହିଛନ୍ତି। ଶ୍ରୀ ପାଙ୍ଗୀ କୋରାପୁଟର ବିକାଶର ବିଭିନ୍ନ ଅନୁଭୂତି ଉପରେ ଆଲୋକପାତ କରିବା ସହ ସହଯୋଗ ଅଭାବରୁ କୋରାପୁଟର ସୁନ୍ଦର ସ୍ଥାନ ପର୍ଯ୍ୟଟନସ୍ଥଳୀ ଭାବେ ଲୋକପ୍ରିୟ ହୋଇପାରୁନାହିଁ ବୋଲି କହିଥିଲେ। ଶୃଙ୍ଖଳିତ ଯୋଜନା କରାଗଲେ କୋରାପୁଟକୁ କୁଲୁ ଓ ମନାଲି ଭଳି ବିକଶିତ କରାଯିବ। କୋରାପୁଟରେ ଇକୋ ଟୁରିଜିମ୍ ର ବିକାଶ ହେଲେ ସ୍ଥାନୀୟ ଯୁବପିଢ଼ି ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ପ୍ରଫେସର ଘୋଷ କହିଥିଲେ ଯେ ଗ୍ରାମୀଣ ଯୁବକମାନଙ୍କୁ ଆତିଥ୍ୟ କ୍ଷେତ୍ରରେ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବା ଉଚିତ ଏବଂ ଆମ ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ସହାୟତାରେ କୋରାପୁଟ କ୍ଷେତ୍ରରେ ପର୍ଯ୍ୟଟନ ବୃଦ୍ଧି କରିବାରେ ସହାୟକ ହେବ । ପର୍ଯ୍ୟଟନ ବିକାଶ ପାଇଁ ସ୍ଥାନୀୟ ଭାଷା, ସ୍ଥାନୀୟ ସଂସ୍କୃତି ଓ ସ୍ଥାନୀୟ ଖାଦ୍ୟକୁ ଗୁରୁତ୍ୱ ଦିଆଯିବା ଦରକାର। ଶ୍ରୀ କର ଅଂଚଳର ବିକାଶ ପାଇଁ ଗ୍ରାମୀଣ ରୋଜଗାର ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ ଆତିଥ୍ୟ ଶିଳ୍ପ କ୍ଷେତ୍ରରେ ଉଦ୍ୟୋଗୀଙ୍କ ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଇକୋ ଟୁରିଜିମ୍ ର ବିକାଶ ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ରହିବା ଦରକାର ବୋଲି ସେ କହିଛନ୍ତି। ଶ୍ରୀ ଜନ୍ ଇକୋ ଟୁରିଜିମ୍ ର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ସହ କହିଥିଲେ ଯେ ଇକୋ ଟୁରିଜିମ୍ ର ଅର୍ଥ ହେଉଛି ଶାନ୍ତି ଓ ବିଶ୍ରାମ। ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଏତେ ସଜ୍ଜିତ କରାଯିବା ଦରକାର ଯେ ପର୍ଯ୍ୟଟକଙ୍କୁ ସକାରାତ୍ମକ ଶକ୍ତି ମିଳିବ, ଯାହା ପରିବେଶ ପର୍ଯ୍ୟଟନକୁ ବଢ଼ାଇବ ବୋଲି ସେ କହିଛନ୍ତି। ଶ୍ରୀମତୀ ପ୍ରଧାନୀ କୋରାପୁଟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଆଲୋଚନା କରିବା ସହ କୋରାପୁଟରେ ପର୍ଯ୍ୟଟନର ବିକାଶ ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା କହିଥିଲେ ଯେ, କୋରାପୁଟର ସ୍ଥାନୀୟ ଲୋକେ ପର୍ଯ୍ୟଟକଙ୍କ ପ୍ରତି ଅତ୍ୟନ୍ତ ସହଯୋଗ କରୁଥିବାରୁ ଏହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହେବାର ଅନେକ ସମ୍ଭାବନା ରହିଛି। କାର୍ଯ୍ୟକ୍ରମର ସଂଯୋଜକ ତଥା ସହକାରୀ ପ୍ରଫେସର ଡ. ସୌରଭ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଆନୁଷ୍ଠାନିକ ବୈଠକ ପରେ ଜିଲ୍ଲା ସଂସ୍କୃତି ବିଭାଗ ସହାୟତାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି ।

# ଜିଲ୍ଲାରେ ମେଡିକାଲ କଲେଜ ଏବଂ ହସପିଟାଲ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଦାବି

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଏବଂ ହସପିଟାଲ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସ୍ଥାନୀୟ ପବ୍ଲିକ ରିଡିଂ ରୁମ ଠାରେ ଅଧ୍ୟାପକ ଅଜୟ ସାମଲଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ସଂପାଦକ ଆଇନଜୀବି ରମଣୀ ରଂଜନ ରାଉତରାୟ, ମେଡିକାଲ କଲେଜ ଗଠନ ପାଇଁ ନୂତନ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ସହିତ ଆସନ୍ତା ଅଗଷ୍ଟ ୧୫ ତାରିଖ ଦିନ ସମସ୍ତ ଗ୍ରାମ ପଂଚାୟତ ଓ ପଂଚାୟତ ସମିତି, ଜିଲ୍ଲା ପରିଷଦମାନେ କେନ୍ଦ୍ରାପଡା ଜିଲ୍ଲାର ହକ୍ ପାଇଁ ଏକ ପ୍ରସ୍ତାବ ଗ୍ରାହଣ କରି ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସାଂସଦ ମହୋଦୟଙ୍କୁ ଅବଗତ କରାଇବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏହାସହିତ ଆସନ୍ତା ଅଗଷ୍ଟ ଚତୁର୍ଥ ସପ୍ତାହରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ସରକାରଙ୍କ ଠାରେ ଉପସ୍ଥାପନ କରାଯିବ। ଏବଂ ନୂତନ ସରକାର ରେ ବିଧାୟକ ଓ ନେତୃତ୍ୱ ମଣ୍ଡଳୀ ମାନଙ୍କୁ ଭେଟି ଜିଲ୍ଲାରେ ମେଡିକାଲ କଲେଜ ଏବଂ ହସପିଟାଲ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରାଯିବ ବୋଲି ଏହି ବୈଠକରେ ନିଷ୍ପତି ନିଆଯାଇଛି ।

# ଋଣ ବୋଝ ସହିନପାରି ଚାଷୀଙ୍କ ଆତ୍ମହତ୍ୟା

କେନ୍ଦ୍ରାପଡ଼ା, ୧୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଗ୍ରାମପଂଚାୟତର କହ୍ନେଇପୁର ଗ୍ରାମର ଜନୈକ ଚାଷୀ ଋଣ ବୋଝ ସହି ନପାରି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ଜଣଙ୍କ ହେଉଛନ୍ତି ମହେନ୍ଦ୍ର ପ୍ରଧାନ(୫୦)। ମହେନ୍ଦ୍ର ଗୋଟିଏ ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ମହେନ୍ଦ୍ର ସକାଳ ୯ଟାରେ ଘରୁ ବିଲକୁ ବାହାରି ଯାଇଥିଲେ। କିନ୍ତୁ ଅପରାହ୍ନ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ତେଣୁ ପରିବାର ଲୋକେ ବିଲକୁ ତାଙ୍କୁ ଖୋଜିବାକୁ ଯାଇଥିଲେ। ବିଲ ନିକଟ ରାସ୍ତାରେ ଥିବା ଏକ ଆମ୍ବ ଗଛରେ ତାଙ୍କ ମୃତଦେହ ଝୁଲୁଥିବା କେତେକ ଲୋକ କହିଥିଲେ । ଫଳରେ ପରିବାର ଲୋକେ ଘଟଣାସ୍ଥଳକୁ ଯାଇଥିଲେ। ଏ ନେଇ ପରିବାର ଲୋକେ କେନ୍ଦ୍ରାପଡ଼ା ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଥିଲା। ପରିବାର ଲୋକଙ୍କ କହିବା କଥା ହେଲା ମହେନ୍ଦ୍ର ଚାଷ କାର୍ଯ୍ୟ କରିବା ପାଇଁ ଗତ ବର୍ଷରୁ ପ୍ରାଥମିକ କୃଷି ସମବାୟ ସମିତିରୁ ଋଣ ଆଣିଥିଲେ। ଏଥିସହ କେତେକ ଲୋକଙ୍କ ଠାରୁ ହାତ ଉଦ୍ଧାରି ମଧ୍ୟ ଆଣିଥିଲେ। କିନ୍ତୁ ଭଲ ଫସଲ ହେଉନଥିବାରୁ ସେ ଋଣ ଟଙ୍କା ସୁଝି ପାରୁ ନଥିଲେ। ଚଳିତ ବର୍ଷ ମଧ୍ୟ ଭଲ ଅମଳ ହେବ ନାହିଁ ବୋଲି ସେ କହୁଥିଲେ। ଏଥିପାଇଁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ବେହେରା କୁହନ୍ତି ଯେ ମହେନ୍ଦ୍ର ମାନସିକ ଚାପରେ ଥିଲେ। ବିଭିନ୍ନ ସୂତ୍ରରୁ ଋଣ ଆଣି ସୁଝି ପାରୁ ନଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ତାଙ୍କ ୨୨ ବର୍ଷର ପୁଅ ଦାଦନ ଖଟିବାକୁ ଗୁଜୁରାଟ ଯାଇଛି। ତାଙ୍କ ଝିଅ ତୁଳସୀ ମହିଳା ମହାବିଦ୍ୟାଳୟରେ +୩ରେ ପାଠ ପଢୁଛି। ଝିଅର ପାଠ ପଢା ଖର୍ଚ୍ଚ ମଧ ସେ ଦେଇ ପାରୁ ନଥିଲେ। ଫଳରେ ମାନସିକ ଚାପରେ ସେ ରହୁଥିବା ପ୍ରକାଶ କରିଥିଲେ। ମହେନ୍ଦ୍ରଙ୍କ ପରିବାରକୁ ତୁରନ୍ତ ଆବଶ୍ୟକ ସରକାରୀ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିଚାରଣ କଲେ ବାମପନ୍ଥୀ ନେତା



ଖଇରା, ୧୧/୮ (ନି.ପ୍ର): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ଏକ ସ୍ମୃତିସଭା ରବିବାର ଦିନ ଖଇରାସ୍ଥିତ ଶହୀଦ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଶାନ୍ତ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଜିଲା ପାଚିକା ସହାୟିକା ସଂଘର ସଭାପତି ଇଶାଣୀ ଷଡଙ୍ଗୀ,ବାମପନ୍ଥୀ ନେତା ଜଗତାନନ୍ଦ ମହାପାତ୍ର, ସନ୍ତୋଷ ବିଶ୍ୱାଳ, ମୁରଲୀଧର ବେହେରା, ଅଭିରାମ ବେହେରା,ପ୍ରଶାନ୍ତ ପରିଡା,ଭଗବାନ ଦାସ,ବସନ୍ତ ମାଝୀ,ସନ୍ତୋଷ ସାହୁ ପ୍ରମୁଖ ଯୋଗ ଦେଇ ସଙ୍ଗଠନକୁ ସୁଦୃଢ଼ କରିବାରେ ସ୍ୱର୍ଗତ ଭଟ୍ଟାଚାର୍ଯ୍ୟଙ୍କ ଅବଦାନ ଓ ତାଙ୍କ ସମୟରେ ପଶ୍ଚିମବଙ୍ଗରେ ହୋଇଥିବା ବିକାଶ ଉପରେ ଆଲୋକପାତ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ନିରବ ପ୍ରାର୍ଥନା କରାଯାଇଥିଲା ।

# ନଦୀରେ ଭାସିଗଲେ ୧୦ଜଣ: ପାଂଚଜଣଙ୍କ ଶବ ଜବତ: ଚାରି ନିଖୋଜ

ନୂଆଦିଲ୍ଲୀ, ୧୧/୮ : ପଞ୍ଜାବ-ହିମାଚଳ ବର୍ଡରରେ ରବିବାର ସକାଳ ଜେଜୋ ଖଡ୍ଡରେ ଇନୋଭା ଗାଡ଼ି ପାଣି ତୀବ୍ର ପ୍ରବାହରେ ଭାସିଯାଇଥିଲା। ଗାଡ଼ିରେ ଜିଲ୍ଲା ଉନାର ଦେହଲା ଗାଆଁର ୧୦ ଲୋକ ସବାର ଥିଲେ। ଯେଉଁଥିରୁ ପାଂଚ ଲୋକଙ୍କ ଶବ ଜବତ ହୋଇଥିବାବେଳେ ୪ଜଣ ଏବେ ବି ନିଖୋଜ ଅଛନ୍ତି। ଏହି ସମୟରେ ଜଣେ ଯୁବକ ପାଣିରୁ ବାହାରିଆସିଥିଲା, ଯାହାକୁ ହସ୍ପିଟାଲ୍‌ରେ ଭର୍ତି କରାଯାଇଛି। ଘଟଣାର ସୂଚନା ମିଳିବା ପରେ ଦେହଲାଂ ଗାଆରେ ଶୋକର ଛାୟା ଖେଳିଯାଇଛି। କୁହାଯାଉଛି ଯେ ଦେହଲାଂ ଗାଆଁର ଲୋକ ମହିଳପୁର ପଞ୍ଜାବରେ ବିବାହ ସମାରୋହକୁ ଯାଉଥିଲେ। ହିମାଚଳ ପ୍ରଦେଶର ଅଧିକ ଭାଗରେ ଗତ ୧୨ ଘଂଟା ହେଲା ଲଗାତାର ବର୍ଷା ହେଉଛି। ପାଣିପାଗ ବିଭାଗ ପୂର୍ବରୁ ବର୍ଷାକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରିଥିଲା।

# ରାତି ଅଧରେ ଗାଁରେ ପଶିଲେ ଦୁଇ ଦନ୍ତାହାତୀ

ନୀଳଗିରି, ୧୧/୮ (ନି.ପ୍ର): ଗତ ୧୦ତାରିଖ ଶନିବାର ରାତ୍ରି ପ୍ରାୟ ୩ ଟା ସମୟରେ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତର କରଡ଼ିଆ ଗ୍ରାମର ଶିବ ସ, ଙ୍କ ଘର ବାଡ଼ିରେ ୨ଟି ଦନ୍ତା ହାତୀ ପଶିବା ସହିତ ଘର କବାଟକୁ ଭାଙ୍ଗି ଥିବା ଜଣାପଡିଛି। ଶବ୍ଦ ଶୁଣି ପରିବାର ଲୋକ ଆଲୁଅ ପକାଇ ଘୋଉଡାଇ ଥିଲେ ମଧ ଉକ୍ତ ଦୁଇ ଦନ୍ତା ଗ୍ରାମରୁ ନଯାଇ ନାକେଦମ କରିଥିଲେ ଓ ପରେ ଏହି ଦୁଇ ଦନ୍ତା ହ୍ୱାତୀ ରେମୁଣା ଇମାମି ପେପର ମିଲ୍ ରାସ୍ତା ଦେଇ କରଡିଆଗ୍ରାମ ରାସ୍ତା ର ଚାଷ ଜମି ଦେଇ ନୀଳଗିରି ଏନ୍.ଏ.ସି. ୧୧ ନଂ ୱାର୍ଡ ନଟାପଡ଼ା ରାସ୍ତା ପଣ୍ଡା ଅଫିସ୍ କ୍ରସର ସାହି ଗ୍ରାମର ଥିବା ଧାନଘେରା ପାହାଡ଼ ପାଖରେ ପହଞ୍ଚିଥିବା ଜଣାପଡିଛି ଓ ଉକ୍ତ ଦୁଇ ବେଙ୍ଗଲୀ ଦନ୍ତା ର ଏଭଳି ଅଚାନକ ପ୍ରବେଶ କୁ ନେଇ ଶତାଧିକ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଥିବା ବେଳେ ମାମା ହାଁସଦା ଘର ଭାଙ୍ଗିଥିବା ବେଳେ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ନୀଳଗିରି ବନବିଭାଗ କର୍ମଚାରୀ ।

# ପୁସ୍ତକ ଉନ୍ମୋଚନ ସମାରୋହ



ବେତନଟୀ, ୧୧/୮ (ନି.ପ୍ର): ବେତନଟୀ ଧର୍ମଶାଳା ଠାରେ ଅନନ୍ୟା ସାହିତ୍ୟ ସଂସଦ, ବୈଶିଙ୍ଗା, ମୟୂର ସାହିତ୍ୟ ସଂସଦ ଓ ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନ ବେତନଟୀ ମିଳନ ସହଯୋଗରେ ଗାଳ୍ପିକ ନିମାଇଁ ଚରଣ ବେହେରାଙ୍କ ଗଳ୍ପ ସଂକଳନ 'ହୁଏତ ଆସନ୍ତା କାଲି' କବି ପ୍ରିୟନାଥ ପାଣିଙ୍କ କବିତା ପୁସ୍ତକ 'କାୟା କୋଣାର୍କ' ଓ ଶିଶୁ କିଶୋର ପତ୍ରିକାର ୧୮ ତମ ସଂଖ୍ୟା କଇଁଫୁଲ ହୋଇଯାଇଛି । ବନମୟୂରୀ ପତ୍ରିକାର ସମ୍ପାଦକ ଶ୍ରୀ ନୀରଦ ସୁନ୍ଦର ଜେନା ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ସାହିତ୍ୟ ସଭାରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ସଭାପତି, ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ଼ଃ ରମାକାନ୍ତ ସିଂ ମୁଖ୍ୟବକ୍ତା, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯଶସ୍ୱିନୀ କବି ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ବିମଳ ଜେନା, ସମ୍ମାନିତ ଅତିଥି ଭାବେ ମୟୂର ସାହିତ୍ୟ ସଂସଦର ସଭାପତି ଶ୍ରୀ ଭାସ୍କର ଦ୍ୱିବେଦୀ ଓ ପ୍ରଣମ୍ୟ ଅତିଥି ଭାବେ ବର୍ଷିୟାନ ସାହିତ୍ୟିକ ଶ୍ରୀ ବୃନ୍ଦାବନ ଦାଶ ମଞ୍ଚାସୀନ ଥିଲେ। କଇଁଫୁଲ ପରିବାର ତରଫରୁ ଗାଳ୍ପିକ ନିମାଇଁ ଚରଣ ବେହେରା ଓ କବି ପ୍ରିୟନାଥ ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୁସ୍ତକ ଉନ୍ମୋଚନ ସମାରୋହରେ ବିଭିନ୍ନ ସଂଗଠନ ତଥା ଦୂରଦୂରାନ୍ତରୁ ବହୁତ ସାହିତ୍ୟିକ ଯୋଗଦାନ କରିଥିଲେ। ସର୍ବଶେଷରେ କବୟିତ୍ରୀ ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂସ୍ଖଳନ କାରଣରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଅବରୋଧ

ଜମ୍ମୁ, ୧୧/୮ (ନି.ପ୍ର): ରାମବନରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ କାରଣରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ରବିବାର ଅବରୋଧ ହୋଇଯାଇଛି । ଅଧିକାରୀଙ୍କ ମୁତାବକ ଶନିବାର ବିଳମ୍ବିତ ରାତିରୁ ହେଉଥିବା ବର୍ଷା କାରଣରୁ ରାମବନ ଜିଲ୍ଲାର ମେହଦ, କାଫେଟେରିଆରେ ପାହାଡିଆ ଅଂଚଳରୁ ମାଟି ଓ ପଥର ଖସିବା କାରଣୁ ରାଜପଥରେ ଦୁଇପଟୁ ଯାତାୟତ ବନ୍ଦ ହୋଇଯାଇଛି । ସେ କହିଛନ୍ତି ଯେ, ପୂରା ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ବର୍ଷାର ପାଗ ରହିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଜଳେଶ୍ୱର, ୧୧/୮ (ନି.ପ୍ର): ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ଅନ୍ତର୍ନିହିତ ଗୁଣବତ୍ତା ବିକାଶ ଲାଗି ଶିକ୍ଷାବିକାଶ ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା କୋମଳମତି ଛାତ୍ରଛାତ୍ରୀଙ୍କ ଜ୍ଞାନ ପରିମାର୍ଜିତ କରାଯାଇଥାଏ ବୋଲି ଜଳେଶ୍ୱରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ବ୍ଲକରେ ଥିବା ପ୍ରାୟ ୧୫ଟି ବିଦ୍ୟାଳୟ ଏହି ଜ୍ଞାନ ବିଜ୍ଞାନ ମେଳାରେ ଯୋଗ ଦେଇଥିଲେ । ଏଥିରେ ସଂସ୍କୃତି ଜ୍ଞାନ, ଜ୍ଞାନ ବିଜ୍ଞାନ, ପ୍ରଶ୍ନ ମଂଚ, ଲୋକ ନୃତ୍ୟ, ନିବନ୍ଧ ପ୍ରତିଯୋଗିତା, ଗଣିତ ପ୍ରଶ୍ନମଂଚ, ବିଜ୍ଞାନ ପ୍ରଶ୍ନମଂଚ, ମୂର୍ତ୍ତି ପ୍ରତିଯୋଗିତା, ଦେଶାତ୍ମବୋଧ



ସଂଗୀତ, ବିଜ୍ଞାନ ଓ ଗଣିତ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲବର୍ଗ ଓ ଶିଶୁ ବର୍ଗ ଯୋଗ ଦେଇଥିଲେ । ୧୫ଟି ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ପ୍ରଧାନ ଗୁରୁଜୀ ଯୋଗ ଦେଇଥିବା ବେଳେ ସଂକୁଳ ସ୍ତରୀୟ ପ୍ରମୁଖ ରବିନାରାୟଣ ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶୀତ ହୋଇଥିଲା । ଆୟୋଜିତ ସଭାରେ ପ୍ରଧାନ ଗୁରୁଜୀ ରାଧାରଂଜନ ବାଗ ସଭାପତିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟଅତିଥିଭାବେ ବିଜ୍ଞାନ ପରିଦର୍ଶକ ହରମୋହନ ମହାନ୍ତ ଯୋଗ ଦେଇ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ରବିନାରାୟଣ ପଣ୍ଡା, ଡ. ଅଜିତ୍ କୁମାର ମହାନ୍ତି, ଗୌରୀଶଂକର ଦାସ, ପରିଚାଳନା ସଂପାଦକ କପିଳେଶ୍ୱର ମହାନ୍ତି ଯୋଗ ଦେଇ ବିଜ୍ଞାନ ପ୍ରଦର୍ଶନୀ ଦ୍ୱାରା କୁନି କୁନି ବୈଜ୍ଞାନୀକ ମାନଙ୍କ ଅର୍ନ୍ତନିହିତ ପ୍ରତିଭାର ବିକାଶ ଘଟିଥାଏ ବୋଲି କହିଥିଲେ । ଜଳେଶ୍ୱର ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଓ ଅନ୍ୟ ଗୁରୁଜୀଗୁରୁମାମାନେ ପରିଚାଳନା କରିଥିଲେ ମଧ୍ୟ ବିଜ୍ଞ ବିଚାରକ ମଣ୍ଡଳୀଙ୍କର ମୂଲ୍ୟାଙ୍କନ କରାଯାଇଥିଲା ।

# ଲଙ୍ଗଳେଶ୍ୱରରେ ବିଜେଡିର ପଞ୍ଚାୟତ ସମୀକ୍ଷା ବୈଠକ



ବାଲିଆପାଳ/ଲଙ୍ଗଳେଶ୍ୱର, ୧୧/୮ (ନି.ପ୍ର): ବାଲିଆପାଳ ବ୍ଲକ ବିଜୁ ଜନତା ଦଳର ପକ୍ଷରୁ ନିର୍ବାଚନ ପରବର୍ତ୍ତୀ ସମୀକ୍ଷା ଏବଂ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ପଞ୍ଚାୟତ ୱାରୀ ବୈଠକ। ଏହି କ୍ରମରେ ଗତ ଶନିବାର ଦିନ ରତାଇ ପଞ୍ଚାୟତର ଦଳୀୟ ନେତୃବୃନ୍ଦ ମାନଙ୍କୁ ନେଇ ପ୍ରଥମ ପର୍ଯ୍ୟାୟରେ ଏକ ବୈଠକ ଲଙ୍ଗଳେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଗତ ନିର୍ବାଚନର ସଫଳତା ପାଇଁ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ୍ ଦେବା ସହ ପଞ୍ଚାୟତରେ ମିଳିମିଶି ଦଳର ସଙ୍ଗଠନ କିପରି ଅଧିକ ସୁଦୃଢ ହୋଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସାଧାରଣ ଲୋକଙ୍କ ସମସ୍ୟା ସହିତ ନିଜକୁ ସାମିଲ ହେବାକୁ ଏବଂ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାକୁ ହେଲେ ଦଳ ପାଇଁ ଅଧିକ ସମୟ ଦେବା ଆବଶ୍ୟକ ବୋଲି ଉପସ୍ଥିତ କର୍ମୀ ମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଚକ୍ରଧର ଗିରି, ମହେଶ୍ୱର ଜେନା, ଅଜୟ ସାମଲ, ଦେବ କୁମାର ଦେ, ନିଶାକର ସେଠୀ, ସାହିରୁଲ୍ ହକ୍ , ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସ ମହାପାତ୍ର, ରତାଇ ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡରୁ ବହୁ ନେତୃବୃନ୍ଦ ଏହି ବୈଠକରେ ଯୋଗଦେଇଥିଲେ ।

# ପଶ୍ଚିମବଙ୍ଗରୁ ଆଳୁ ବନ୍ଦର ପ୍ରତିବାଦ କଲା ଖଇରା ସାମ୍ବାଦିକ ସଂଘ: ପଥର ଗାଡିକୁ ଖାଲି ହାତରେ ବଙ୍ଗ ଫେରାଇଦେଲେ

ଖଇରା, ୧୧/୮ (ନି.ପ୍ର): ପଶ୍ଚିମବଙ୍ଗ ସରକାର ଓଡିଶାକୁ ଆଳୁ ବନ୍ଦ କରିବା ଘଟଣାରେ ସାରା ଓଡିଶାରେ ପ୍ରତିବାଦ ସ୍ୱର ଶୁଭିଲାଣି ।ଏହି ପ୍ରତିବାଦରେ ସାମିଲ ହୋଇଛନ୍ତି ଖଇରାବାସୀ । ରବିବାର ଅପରାହ୍ନରେ ଖଇରା ସାମ୍ବାଦିକ ସଂଘ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଶାରିଶୁଆ ପାହାଡକୁ ପଥର ଓ ଚିପ୍ସ ନେବାକୁ ଆସୁଥିବା ହାଇୱା ଓ ଟ୍ରଲର ଗୁଡିକୁ ଖଇରାଠାରୁ ଫେରାଇ ଦେଇଛନ୍ତି । ମମତା ସରକାର ଆଳୁ ନଦେବା ଯାଏ ଶାରିଶୁଆ ପାହଡ ସଂଲଗ୍ନ ଖଣିଖାଦାନରୁ ପଥର ସଂଲଗ୍ନ ଲଘୁଖଣିଜ ପଦାର୍ଥ ପଶ୍ଚିମବଙ୍ଗକୁ ଛଡାଯିବ ନାହିଁ ଅର୍ଥାତ ଆଳୁ ନାହିଁତ ପଥର ନାହିଁ ବୋଲି ଗାଡିଗୁଡିକୁ ଚେତାବନୀ ଦିଆଯିବା ଅବସରରେ କୁହାଯାଇଥିଲା । ଯଦି ପୁନଶ୍ଚ ଖଣି ଅଞ୍ଚଳକୁ ଗାଡିଗୁଡିକ ଆସନ୍ତି ତେବେ ଆଗାମୀ ପରିସ୍ଥିତି ପାଇଁ ସେମାନେ ଦାୟୀ ରହିବେ ବୋଲି ମଧ୍ୟ କୁହାଯାଇଥିଲା । ସେହିଭଳି





ଓଡିଆ ଅସ୍ମିତାକୁ ଦୃଷ୍ଟିରେ ରଖି ନିଜ ନିଜ କ୍ରସରରୁ ବଙ୍ଗ ଗାଡିକୁ ମାଲ ନଦେବାକୁ ଖଇରା ସାମ୍ବାଦିକ ସଂଘ ତରଫରୁ କ୍ରସର ମାଲିକ ମାନଙ୍କୁ ନିବେଦନ କରାଯାଇଛି । ଉକ୍ତ ପ୍ରତିବାଦରେ ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳବନ୍ଧୁ ପଣ୍ଡା,ସାଧାରଣ ସମ୍ପାଦକ ବଳରାମ ଲେଙ୍କା,ଉପଦେଷ୍ଟା ଅନାମ ଚରଣ ପଣ୍ଡା,କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ସଭ୍ୟ ନରେନ୍ଦ୍ର ପ୍ରସାଦ ବେହେରା, ଛାୟାକାନ୍ତ ମହାନ୍ତି, ପଦ୍ମଲୋଚନ ଦାସ, ଦେବବ୍ରତ ଦାସ,କରୁଣାକର ବିଶ୍ୱାଳ, ଆଲୋକମୟ ପଣ୍ଡା, ଦୁର୍ଗାମାଧବ ଓଝା ଙ୍କ ସମେତ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ ।

# ଜଙ୍ଗଲ, ପରିବେଶ ଏବଂ ପର୍ଯ୍ୟାବରଣ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ବାରିପଦା ଗସ୍ତ



ବାରିପଦା, ୧୧/୮ (ନି.ପ୍ର): ମାନ୍ୟବର ଜଙ୍ଗଲ, ପରିବେଶ ଏବଂ ପର୍ଯ୍ୟାବରଣ ତଥା ଶ୍ରମ ମନ୍ତ୍ରୀ ଶ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ରବିବାର ଦିନ ବାରିପଦା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟ ଗୁଡିକର ସମୀକ୍ଷା କରିବା ସହିତ ଆଗାମୀ ପଦକ୍ଷେପ ଏବଂ କାର୍ଯ୍ୟପନ୍ଥା ବିଷୟରେ ଜିଲ୍ଲା ସ୍ତରୀୟ ଓ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା ତଥା ବିମର୍ଶ କରିଥିଲେ। ବାରିପଦାସ୍ଥ ମଞ୍ଚାବନ୍ଧା ବନ୍ୟ ବିଭାଗୀୟ ଡାକବଙ୍ଗଳା ବୈଠକ ଗୃହରେ ଏହି ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବନ ଖଣ୍ଡ ବିଭାଗ ସମେତ ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ, ମୟୂରଭଞ୍ଜ ପ୍ରଭାଗୀୟ ଶ୍ରମ ଅଯୁକ୍ତଙ୍କ କାର୍ଯ୍ୟାଳୟ, ଜିଲ୍ଲା କର୍ମଚାରୀ ରାଜ୍ୟ ବୀମା କାର୍ଯ୍ୟାଳୟଙ୍କ ବିଭାଗୀୟ କାର୍ଯ୍ୟର ଜିଲ୍ଲା ସ୍ତରୀୟ ମାନକ ବୃଦ୍ଧି ପାଇଁ ସମୀକ୍ଷା କରିଥିଲେ। ସୂଚନା ଥାଉକି ବିଭିନ୍ନ ଯୋଜନା ଅଧୀନରେ ଜଙ୍ଗଲ କାର୍ଯ୍ୟକଳାପ ଏବଂ ଚାଲୁଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମର ସମୀକ୍ଷା, ମୟୂରଭଞ୍ଜ ଜିଲ୍ଲାର କାରଖାନା, ବଏଲର ସଂଗଠନର କାର୍ଯ୍ୟକଳାପର ସମୀକ୍ଷା ଏବଂ ଜଙ୍ଗଲ ଭିତ୍ତିଭୂମି ବିକାଶ ପାଇଁ ଆୟୋଜିତ ଏହି ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀଙ୍କ ସହ ମାନ୍ୟବର ବିଧାୟକ, ଉଦଳା ଶ୍ରୀ ଭାସ୍କର ଚନ୍ଦ୍ର ମଢେଇ ଏବଂ ମାନ୍ୟବର ବିଧାୟକ ବାରିପଦା ଶ୍ରୀ ପ୍ରକାଶ ସୋରେନ ମଧ୍ୟ ଯୋଗ ଦେଇ ଜିଲ୍ଲାରେ ତଥା ନିଜ ନିଜ ବ୍ୟକ୍ତିଗତ ନିର୍ବାଚନ ମଣ୍ଡଳୀରେ ହୋଇ ଆସୁଥିବା ଏବଂ ହେଉଥିବା ବିଭିନ୍ନ ଉନ୍ନତିମୂଳକ ଏବଂ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ଜନହିତକର କାର୍ଯ୍ୟ ଗୁଡିକର ପ୍ରଗତି ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ କେନ୍ଦ୍ର ସରକାରଙ୍କର ଏକ ପେଡ ମା କେ ନାମର ପ୍ରୟାଗ ଜିଲ୍ଲାରେ କିଭଳି ହେଉଛି ସେ ବିଷୟରେ ବିଶଦ ବିବରଣୀ, ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପଚାରି ବୁଝିଥିଲେ ଏବଂ ଜିଲ୍ଲାରେ ଏହାର ସୁଉଚ୍ଚ ପ୍ରକ୍ରିୟାକରଣ ବିଷୟରେ ଜାଣିବାକୁ ପାଇଁ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ, କ୍ଷେତ୍ର ନିର୍ଦ୍ଦେଶକ, ଶିମିଳିପାଳ ଟାଇଗର ରିଜର୍ଭ, ଡଃ ପ୍ରକାଶ ଗୋଗିନେନି, ଉପ-ନିର୍ଦ୍ଦେଶକ, ଶିମିଳିପାଳ (ଦକ୍ଷିଣ), ଶ୍ରୀ ସମ୍ରାଟ ଗୌଡା, ବିଭାଗୀୟ ଜଙ୍ଗଲ ଅଧିକାରୀ, ବାରିପଦା ଶ୍ରୀ ଉମା ମହେଶ, ସହକାରୀ ବନ ସଂରକ୍ଷଣକାରୀ, ଶ୍ରୀ ରବି ନାରାୟଣ ମହାନ୍ତି ଓ ଶ୍ରୀ ଅରୁଣ ବିଶ୍ୱାଳଂକ ସମେତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଅନନ୍ତ ମହାମାନସିଂ ଓ ଅନ୍ୟାନ୍ୟ ବନ ବିଭାଗୀୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ




ବାଲିଆପାଳ/ଲଙ୍ଗଳେଶ୍ୱର, ୧୧/୮ (ନି.ପ୍ର): ବାଲେଶ୍ୱର ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ବାଲିଆପାଳ ବ୍ଲକ ଦେଉଳା ଗ୍ରାମପଞ୍ଚାୟତରେ ଆନ୍ତର୍ଜାତିକ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଆଦିବାସୀ ସମ୍ପ୍ରଦାୟର ୨୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ପରମାନନ୍ଦ ପଟେଲ, ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁ, ସରପଞ୍ଚ ସରୋଜ ପିଲା, ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଓ ଏସ ପି ପି ଏଲ ର ବିରଜା ଶଙ୍କର ଦାସ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ପାରମ୍ପରିକ ଢଙ୍ଗରେ ସ୍ୱାଗତ କରାଯାଇଥିଲା।ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଆଧାରକରି ଅତିଥିମାନଙ୍କୁ ପାରମ୍ପରିକ ସ୍ୱାଗତ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଳା ଓ ନୃତ୍ୟ ସମେତ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ନଗଡ଼ା ଓ ମାଦଳ ନାମକ ଦୁଇଟି ଆଦିବାସୀ ବାଦ୍ୟଯନ୍ତ୍ରକୁ ଶ୍ରୀ ମୁର୍ମୁ , ଡଗରା, ଚୌମୁଖ ଓ ଦେଉଳା ଜି ପି ର ପ୍ରତିନିଧୀମାନଙ୍କୁ ପ୍ରଦାନ କରିଥିଲେ। ଏହା ଯୁବପିଢ଼ିଙ୍କୁ ପ୍ରେରଣା ଦେବା ସହ ଆଦିବାସୀ ସମ୍ପ୍ରଦାୟକୁ ସେମାନଙ୍କ ସଂସ୍କୃତି ଓ ଐତିହ୍ୟକୁ ବଜାୟ ରଖିବାରେ ସହାୟକ ହେବ ବୋଲି କହିଥିଲେ।ପ୍ରତିବର୍ଷ ଅଗଷ୍ଟ ୯ତାରିଖରେ ପାଳନ କରାଯାଉଥିବା ଅନ୍ତର୍ଜାତୀୟ ଆଦିବାସୀ ଦିବସର ଉଦ୍ଦେଶ୍ୟ ହେଉଛି ବିଶ୍ୱବ୍ୟାପୀ ଆଦିବାସୀ ସମ୍ପ୍ରଦାୟର ଅଧିକାର ବିଷୟରେସଚେତନତା ସୃଷ୍ଟି କରିବା ଏବଂ ସମାଜ ପ୍ରତି ସେମାନଙ୍କର ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା। ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ସଂସ୍କୃତି ଓ ଅଧିକାରର ଗୁରୁତ୍ୱକୁ ଦର୍ଶାଇ ଉଚ୍ଚ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅତିଥି ଏବଂ ସଦସ୍ୟମାନେ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ ।

## ଦୟନୀୟ ଅବସ୍ଥାରେ ମାଲକାନଗିରି ମଡ଼େଲ ଡିଗ୍ରୀ କଲେଜ

ମାଲକାନଗିରି, ୧୧/୮ (ନି.ପ୍ର): ଓଡ଼ିଶାର ଉପାନ୍ତ, ଅନଗ୍ରସର ତଥା ଆଦିବାସୀ ବହୁଳ ଅଂଚଳର ତାଲିକାରେ ପ୍ରଥମେ ଆସୁଥିବା ମାଲକାନଗିରି ଜିଲ୍ଲାର ବିକାଶ ନିମନ୍ତେ ସରକାର ୨୦୧୬ ମସିହାରେ ଏକ 'ଆଦର୍ଶ ସ୍ନାତକ ମହାବିଦ୍ୟାଳୟ' ଜିଲ୍ଲାବାସୀଙ୍କୁ ଅର୍ପଣ କରିଥିଲେ। ସେ ସମୟରେ ସମସ୍ତ ଅଂଚଳବାସୀଙ୍କ ମନରେ ଆଶାର ଆଲୋକ ଝଲସି ଉଠିଥିଲା। '' ଯା' ହଉ ଏଥର ଆମ ପୁଅ-ଝିଅ ପାଠ ପଢି ମଣିଷ ହେବେ'' । କିନ୍ତୁ ଦୁଃଖର କଥା କଲେଜ ହେବାର ଆଠ ବର୍ଷ ପରେ ମଧ୍ୟ ପରିଚାଳନା ପାଇଁ ସ୍ଥାୟୀ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ଦିଆଯାଇ ପାରିନାହିଁ । ଆଜି ବି କଲେଜ ପାଇଁ କନିଷ୍ଠ କିରାଣୀ, ପାଠାଗାର ପରିଚାଳକ, ପାଠଗାର ସଂରକ୍ଷକ, ବିଜ୍ଞାନର ସମସ୍ତ ବିଭାଗ ପରୀକ୍ଷାଗାର ସଂରକ୍ଷକ ଏପରିକି ପିଅନ ସୁଦ୍ଧା ନିଯୁକ୍ତି ଦିଆଯାଇନାହିଁ। କେବଳ ଏତିକି ନୁହେଁ ୧ ୫ଟି ବିଭାଗରେ୧୨ଟି ସ୍ଥାୟୀ ସହକାରୀ ପ୍ରାଧାପକ କର୍ମରତ ଥିବାବେଳେ ବାକି ସବୁଥିରେ ଅତିଥି ଅଧ୍ୟାପକ କାର୍ଯ୍ୟଭାର ସମ୍ଭାଳୁଛନ୍ତି। ପୁଣି ଗତ ବର୍ଷଠାରୁ ଚାରୋଟି ନୂତନ(ଓଡ଼ିଆ, ଇଂରାଜୀ, ଇତିହାସ ଓ ମନସ୍ତତ୍ୱ) ବିଭାଗ ଖୋଲା ହେବା ପରେ ବି ସ୍ୱତନ୍ତ୍ର ପ୍ରଶାସନିକ ପ୍ରକୋଷ୍ଟଟିଏ ବ୍ୟବସ୍ଥା ହୋଇପାରିନାହିଁ । ନୂତନ ଭାବରେ ଚାରୋଟି ବିଭାଗ ଖୋଲାହେବା ପରେ ପିଲା ସଂଖ୍ୟା ପାଖାପାଖି ୧୨୦୦ରୁ ୧୫୦୦କୁ ବୃଦ୍ଧି ପାଇଛି । ତେଣୁ ଶ୍ରେଣୀ ଗୃହର ମଧ୍ୟ ଅଭାବ ଦେଖାଦେଇଛି । ସହର ଠାରୁ ଦୂରରେ ତଥା ନଈକୂଳବର୍ତ୍ତୀ ନିଛାଟିଆ ସ୍ଥାନରେ କଲେଜଟି ରହିଛି। ଏ କ୍ଷେତ୍ରରେ ପିଲାମାନଙ୍କ ସୁରକ୍ଷା ପାଇଁ ସୁଉଚ୍ଚ ଫାଟକ ଏବଂ ପାଚେରୀର ଆବଶ୍ୟକତା ରହିଥିବା ବେଳେ ଏଠି ଜଗୁଆଳି ମଧ୍ୟ ନାହାନ୍ତି। ଏ କଲେଜକୁ ବହୁ ଦୂରଦୂରାନ୍ତ ମାଥିଲି, କାଳିମେଳା, ଚିତ୍ରକୋଣ୍ଡା, ପଡିଆରୁ ଗରିବ ପିଲା ପାଠ ପଢିବାକୁ ଆସନ୍ତି ।

# ଶାନ୍ତିକାନନରେ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ




ବାଲେଶ୍ୱର, ୧୧/୮ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ଏକ ଆଧାତ୍ମିକ ପରିବେଶରେ ପରିଷଦର ପ୍ରାକ୍ତନ ସଂପାଦକ ତଥା ଜଣାଶୁଣା ପ୍ରବଚକ ଡା. କୁମାର ଗୋପାଲ ଶ୍ରୀଜଗନ୍ନାଥ କଥାମୃତ ସଂପର୍କରେ ଏକ ଭାବଗର୍ଭକ ତଥା ଆଧାତ୍ମିକ ପ୍ରବଚନ ରଖିଥିଲେ। ପ୍ରବଚନ ସହିତ ଶ୍ରୀଜଗନ୍ନାଥଙ୍କ ଭଜନ ଓ ଜଣାଣ ପରିବେଷଣ କରିଥିଲେ ଗୁରୁ ବିଶ୍ୱରଂଜନ ଦାସ ଓ ତବଲାରେ ସହଯୋଗ କରିଥିଲେ ଗୁରୁ ବାଦଲ ନାୟକ। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଂପାଦକ ଦୀପକ ବୋଷ ଆଦ୍ୟକଥା ରଖିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, ଡ. ଶିରୀଶ ଚନ୍ଦ୍ର ଜେନା, ତପନ ରାୟ, ଡ. ସାରଙ୍ଗଧର ତ୍ରିପାଠୀ, ଡ. ସୁବାସ ଚନ୍ଦ୍ର ପାତ୍ର, ଅଞ୍ଜଳି ପଣ୍ଡା, ଅରୁଣା ରାୟ, ମମତା ଦାସ, ଶାନ୍ତି ବିଶି, ଦୀପକ ଦାସ, ନିରୂପମା ସେଠୀ, ପ୍ରତିମା ପଣ୍ଡା, ପଦ୍ମଲୋଚନ ଦତ୍ତ, ରମାକାନ୍ତ ମହାନ୍ତି, ବିଶ୍ୱନାଥ ମହାଳିକ, ମୃତ୍ୟୁଞ୍ଜୟ ପଲାଇ, ଶାନ୍ତିଲତା ପଣ୍ଡା, ପ୍ରଣିତା ମିଶ୍ର, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଗୋପୀନାଥ ଶତପଥୀ, ଯୋଗେଶ ପ୍ରଧାନ, କରୁଣାକର ସ, ମାମିନା ମହାପାତ୍ର, ଶରତ କୁମାର ମହାପାତ୍ର, ଡ. ରତ୍ନାକର ସିଂହ, ମନ୍ମଥ ସାହୁ, ବିଦ୍ୟାଧର ସାହୁ, ସଂଜୟ କୁମାର ପଣ୍ଡା, ଓମ ସାଇକୃଷ୍ଣ ସାହୁ, ଦିଲ୍ଲୀପ ଚକ୍ରବର୍ତ୍ତୀ, ବରେନ୍ଦ୍ରନାଥ ପାଣିଗ୍ରାହୀ, ଅବନ୍ତୀ ପ୍ରଧାନ, ସୁବ୍ରତା ମହାନ୍ତି, ବିଜନ ଦେ, ନିଶିକାନ୍ତ ମଣ୍ଡଳ, ଅରୁଣ ମିଶ୍ର, ଲକ୍ଷ୍ମୀକାନ୍ତ ବେହେରା, କମଳାକାନ୍ତ ନାୟକ, ରମେଶ ଦାଶ, ମଧୁସୂଦନ ମାଝୀ, ଅମରେନ୍ଦ୍ର ସିଂହ, ଗଗନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରୂପସା ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ କୃମିନାଶକ ଦିବସ



ରୂପସା, ୧୧/୮ (ନି.ପ୍ର): ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ବୀଣାପାଣି ଶିଶୁମନ୍ଦିରରେ ଶନିବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଛି । ଆୟୋଜିତ ସଚେତନତା ସଭାରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ସାହୁ ପୌରହିତ୍ୟ କରିଥିଲେ । ଡା. ସୁଭାଶିଷ ମହାନ୍ତି ଓ ଡା. ଦୁର୍ଗାମାଧବ ଦେ ଯୋଗଦେଇ ଶରୀରରେ କୃମି ହେବାର କାରଣ ଓ ପ୍ରତିକାର ସମ୍ପର୍କରେ ସଚେତନ କରାଇଥିଲେ। ପୂର୍ବତନ ଜନସ୍ୱାସ୍ଥ୍ୟ ଅଧିକାରୀ ଜଗନ୍ନାଥ ସ୍ୱାଇଁ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସତ୍ୟ ସୁନ୍ଦର ଗୋସ୍ୱାମୀ ଯୋଗଦେଇ କୃମିନାଶକ ଦିବସ ପାଳନର ତାତ୍ପର୍ଯ୍ୟ ଓ ବଟିକା ସେବନର ବିଧି ସମ୍ପର୍କରେ ଆଲୋକପାତ କରିଥିଲେ । ସେକ୍ଟର ସୁପରଭାଇଜର ସୁଶାନ୍ତ କୁମାର ମାଝି, ଚନ୍ଦ୍ରକାନ୍ତି ପାଣି, ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ବିକ୍ରମ ଜେନା, ପରିଚାଳନା କମିଟି ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ, ସହ-ସମ୍ପାଦକ ଜଗଦିଶ ପଟ୍ଟନାୟକ, ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଓ ସୁଧାକର ଗିରି ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ସେବନ କରାଯାଇଥିଲା । କଷିପଦା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ପାର୍ବତି ମୁର୍ମୁ, ପ୍ରତିଭା ଗିରି, ପ୍ରଦୀପ୍ତ ସିଂ, ଗୁରୁମା ବିଶେଶ୍ୱରୀ ପଣ୍ଡା, ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ବେହେରା, ଆଶାକର୍ମୀ ଜ୍ୟୋସ୍ନାରାଣୀ ଦାସ ଓ ପୁଷ୍ପଲତା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପାଠାଗାର ପକ୍ଷରୁ ଜାତୀୟ ପୁସ୍ତକପ୍ରେମୀ ଦିବସ ପାଳିତ

ବାସୁଦେବପୁର, ୧୧/୮ (ନି.ପ୍ର): ବାସୁଦେବପୁରର ଭ୍ରାମ୍ୟମାଣ ଲୋକନାଥ ପାଠାଗାର ପକ୍ଷରୁ ଆଜି ଜାତୀୟ ପୁସ୍ତକପ୍ରେମୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ସଭାଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ବରିଷ୍ଠ ଓଡ଼ିଆ ଅଧ୍ୟାପକ ବେଣୁଧର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର ଓ ଡ ବସନ୍ତ କୁମାର ଦାସ ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କୁ ପୁସ୍ତକ ସହିତ ଆମର ସଂପର୍କ କେତେ ନିବିଡ ସେ ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ।ପାଠାଗାରର ସମ୍ପାଦକ ବିକାଶ କୁମାର ଶତପଥୀ ଉପସ୍ଥିତ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ନିଃଶୁଳ୍କ ପୁସ୍ତକ ପଠନ କରିବା ପାଇଁ ଯୋଗାଇଦେଇଥିବା ବେଳେ ମୋବାଇଲ ଅଧିକ ସମୟ ବ୍ୟବହାର କରିବାରୁ ନିବୃତ ରହିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପିକା କାନ୍ତାରାଣୀ ଦାଶ ଅତିଥିମାନଙ୍କ ର ପରିଚୟ ପ୍ରଦାନ କରିଥିବା ବେଳେ ବ୍ୟାକରଣ ବିଭାଗର ଅଧ୍ୟାପିକା ସସ୍ମିତା ଦାଶ ସ୍ୱାଗତ ଭାଷଣ ଓ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ବ୍ୟାକରଣ ବିଭାଗର ଅଧ୍ୟାପକ ବ୍ରଜମୋହନ ଦାଶ ବେଦପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବାଂଲାଦେଶ ହିଂସା...

ପଠାଇଥିବା ଏକ ଚିଠିରେ ହସିନା କହିଛନ୍ତି କି, ମୁଁ ଏହି କାରଣରୁ ଇସ୍ତଫା ଦେଲି କି ମୁଁ ଦେଶରେ ଶବ ଶୋଭାଯାତ୍ରା ଦେଖିବାକୁ ଚାହୁଁନଥିଲି । ସୂଚନା ଥାଉକି ବାଂଲାଦେଶରେ ସଂରକ୍ଷଣକୁ ବିରୋଧ କରି କିଛିବର୍ଷ ହେବ ହସିନା ସରକାରଙ୍କ ବିରୋଧରେ ଛାତ୍ରମାନେ ଆନ୍ଦୋଳନ ଜାରି ରଖିଥିଲେ । ହେଲେ ହସିନା ସରକାର ଛାତ୍ରମାନଙ୍କର ଦାବିକୁ ଅଣଦେଖା କରିଚାଲିଥିଲେ । ବାଶ୍ ଧିରେ ଧିରେ ଛାତ୍ର ଆନ୍ଦୋଳନ ଉଗ୍ରରୂପ ନେଲା । ଏହାସହ ହସିନା ସରକାର ପତନ ପାଇଁ ଦେଶରେ ଥିବା କଠୋରପନ୍ଥୀମାନେ ମଧ ଛାତ୍ରମାନଙ୍କୁ ହିଂସାତ୍ମକ ଆନ୍ଦୋଳନ ପାଇଁ ଉସକାଇଥିଲେ। ଏସବୁ ଭିତରେ ଛାତ୍ରମାନେ ହସିନାଙ୍କ ବାସଭବନ ଦଖଲ କରିବା ସହ ତାଙ୍କୁ ଦେଶାନ୍ତର ହେବାକୁ ବାଧ କରିଥିଲେ ।

### ମମତାଙ୍କ ସହ କଥା ହେଲେ ...

ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏପଟେ ଆଳୁ ଟ୍ରକ୍ ଜଗିବାକୁ ଲାଗିଲା ସିସିଟିଭି । ପ୍ରଥମେ ଆଳୁ ଟ୍ରକ୍ ଛାଡ଼ିଲେନି ଆଉ ଏବେ ଗଳା ବାଟରେ ଟ୍ରକ୍ ଆସୁଥିବା ଖବର ପାଇଁ ସିସିଟିଭି ଲଗାଇଲେ ପଶ୍ଚିମବଙ୍ଗ ସରକାର। ଓଡ଼ିଶା-ପଶ୍ଚିମବଙ୍ଗ ସୀମା ନୀଳଦା ଗାଁରେ ଯେଉଁଠି ପଶ୍ଚିମବଙ୍ଗ ପୋଲିସ୍ ରାସ୍ତା କଡ଼ରେ ସିସିଟିଭି ଲଗାଇ ଆଳୁ ଗାଡ଼ି ରୋକିବାକୁ ଯୋଜନା କରିଛନ୍ତି। ଲକ୍ଷ୍ମଣନାଥ ଟୋଲ୍ ଗେଟ୍ ରେ ଓଡ଼ିଶାକୁ ପଶ୍ଚିମବଙ୍ଗ ପୋଲିସ୍ ଆଳୁ ଗାଡ଼ି ଛାଡୁନି। ହେଲେ କିଛି ଛୋଟ ଛୋଟ ଗାଡ଼ିରେ ଆଳୁ ଓଡ଼ିଶାକୁ ବିଭିନ୍ନ ବାଟ ଦେଇ ପଶୁଛି। ତେଣୁ ଏହି ସବୁ ଗଳା ବାଟରେ ଏବେ ସିସିଟିଭି ଜରିଆରେ ନଜର ରଖିବାକୁ ଏମିତି ବ୍ୟବସ୍ଥା କରିଛି ପଶ୍ଚିମବଙ୍ଗ ପୋଲିସ୍। ଅପରପକ୍ଷେ, ରାଜ୍ୟରେ ଆଳୁ ଦର କିଛିଟା କମିଛି। ଆଜି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଳୁ କିଲୋ ପିଛା ୩୬ରୁ ୪୦ ଟଙ୍କା ମଧ୍ୟରେ ରହିଛି।

### ସାମ୍ନାକୁ ଆସିଲା ନୂଆ ...

ଯଦି ବିଭାଗ ଖର୍ଚ୍ଚ କରୁଥିଲା ତାହେଲେ କାହିଁକି ସରକାରଙ୍କ ପାଖେ ତାର ତଥ୍ୟ ନାହିଁ ? ଏସବୁର ତଦନ୍ତ ହେବା ଆବଶ୍ୟକ ଅଛି ବୋଲି କହିଛନ୍ତି ମନ୍ତ୍ରୀ। ଆହୁରି ମଧ କହିଛନ୍ତି ଜଣେ ସଚିବ ସ୍ତରର ଅଧିକାରୀଙ୍କ ପାଇଁ ହେଲିକପ୍ଟର ବ୍ୟବହାର ପାଇଁ ଆଇନରେ ପ୍ରାବଧାନ ନଥାଇ ବି ପାଣ୍ଡିଆନ କେମିତି ହେଲିକପ୍ଟର ବ୍ୟବହାର କଲେ ? ଏଥି ପାଇଁ ଅନୁମତି କିଏ ଦେଇଥିଲା, ତାର ମଧ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ। କଂଗ୍ରେସ ମଧ ଦାବ କରିଛି ପାଣ୍ଡିଆନଙ୍କ ହେଲିକପ୍ଟର ଦୁର୍ନୀତି ସହ ପାନୀୟ ଜଳ ଏବଂ କୋଭିଡ୍ ଦୁର୍ନୀତିର ବି ତଦନ୍ତ ହେଉ। ବିଜେଡି କହିଛି କୌଣସି ଦୁର୍ନୀତି ହୋଇନି। କେମିତି ହେଲିକପ୍ଟରରେ ଦିନରାତି ଘିରି ଘିରି ବୁଲୁଥିଲେ ପାଣ୍ଡିଆନ। ଆଉ କେମିତି ନିର୍ବାଚନ ମଣ୍ଡଳୀଗୁଡିକରେ ଖେଳ ପଡିଆ ପରି ତିଆରି ହେଉଥିଲା ହେଲିପ୍ୟାଡ୍। ତାର ଏକ ପ୍ରମାଣ ଲାଗିଛି ଓଟିଭି ହାତରେ। ଏହା ମାତ୍ର ଭାତ ହାଣ୍ଡିରୁ ଗୋଟିଏ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ହେଉଛି ହେଲିପ୍ୟାଡ୍ ନିର୍ମାଣ ଖର୍ଚ୍ଚର। ରାଜଧାନୀକୁ ଲାଗିଥିବା କଟର ୩ଟି ନିର୍ବାଚନ ମଣ୍ଡଳୀରେ ୧୮ଟି ହେଲିପ୍ୟାଡ୍ ପାଇଁ କଟକ ପୂର୍ତ୍ତ ବିଭାଗ ଖର୍ଚ୍ଚ କରିଛି ପ୍ରାୟ ୭୫ ଲକ୍ଷ ଟଙ୍କା। ଗୋଟିଏ ଗୋଟିଏ ହେଲିପ୍ୟାଡ୍ ପାଇଁ ୩ରୁ ୪ ଲକ୍ଷ। ଯଦି ୩ଟି ନିର୍ବାଚନ ମଣ୍ଡଳୀରେ ୭୫ ଲକ୍ଷ ତାହା ପୁଣି ହେଲିପ୍ୟାଡ୍ ପାଇଁ ତାହେଲେ ୧୪୭ ନିର୍ବାଚନ ମଣ୍ଡଳୀ କଥା ଅନୁମାନ କରନ୍ତୁ। ବଡ କଥା ହେଲା ମାଲକାନାଗିରି କି କୋରାପୁଟ ନୁହେଁ, ଖୋର୍ଦ୍ଧା, ପିପିଲି ଯିବାକୁ ବି ପାଣ୍ଡିଆନଙ୍କ ପାଇଁ ଉଡୁଥିଲା ହେଲିକପ୍ଟର। ପୂର୍ବତନ ପ୍ରଶାସକଙ୍କ ମତରେ ଜଣେ ସଚିବ ଏକାକୀ ହେଲିକପ୍ଟର ବ୍ୟାବହାର କରିପାରିବେ ନାହିଁ। ତଦନ୍ତ ଆଉ କାର୍ଯ୍ୟାନୁଷ୍ଠାନ ତ ପର କଥା, ହେଲେ କେତେ ଖର୍ଚ୍ଚ ହୋଇଛି ତାର ହିସାବ କାହିଁକି ସରକାରୀ ଖାତାରେ ନାହିଁ ? ସେ ତଥ୍ୟ କଣ ପୂର୍ବ ସରକାର ଉଡାଇ ଦେଇଛନ୍ତି, ନା ନୂଆ ସରକାରରେ କିଛି ଅଧିକାରୀ ତଥ୍ୟ ଲୁଚାଇ ପାଣ୍ଡିଆନଙ୍କୁ ସୁରକ୍ଷା ଦେଉଛନ୍ତି ?

### ୧୩ ତାରିଖକୁ ବଢିଲା...

ଭିନେଶଙ୍କୁ ତିନୋଟି ପ୍ରଶ୍ନ ପଚରା ଯାଇଛି । ଭିନେଶଙ୍କୁ ଇମେଲ ମାଧ୍ୟମରେ ଏହାର ଉତ୍ତର ଦେବାକୁ ପଡିବ । ଭିନେଶଙ୍କୁ ସିଏଏସ୍ର ପ୍ରଥମ ପ୍ରଶ୍ନ ହେଉଛି, ଆପଣ ନିୟମ ବିଷୟରେ ଜାଣିଥିଲେ କି ଆପଣଙ୍କୁ ପରଦିନ ମଧ ଓଜନ ଯାଞ୍ଚ କରିବାକୁ ପଡିବ ? ଦ୍ୱିତୀୟ ପ୍ରଶ୍ନ ଟି ରୌପ୍ୟ ପଦକ ସହିତ ଜଡିତ । କ୍ୟୁବା କୁସ୍ତିଯୋଦ୍ଧା ଆପଣଙ୍କ ସହ ରେ ?ପ୍ୟ ପଦକ ବାଣ୍ଟିବେ କି ? ବୋଲି ଭିନେଶଙ୍କୁ ପ୍ରଶ୍ନ କରିଛନ୍ତି ସିଏଏସ୍ । ସେହିପରି ଆବେଦନର ନିଷ୍ପତ୍ତି ସର୍ବସାଧାରଣ ଘୋଷଣା ମାଧ୍ୟମରେ ନା ଗୋପନୀୟ ଭାବରେ ଜାଣିବାକୁ ଚାହୁଁଛନ୍ତି ? ବୋଲି ପ୍ରଶ୍ନ କରିଛନ୍ତି କୋର୍ଟ ଅଫ୍ ଆର୍ବିଟ୍ରେସନ । ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ଭିନେଶ ଫୋଗେଟ୍ ଚମତ୍କାର ପ୍ରଦର୍ଶନ କରିଥିଲେ। କିନ୍ତୁ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ପୂର୍ବରୁ ତାଙ୍କ ଓଜନ ୧୦୦ ଗ୍ରାମ ଅଧିକ ବୋଲି ଜଣାପଡିଥିଲା। ଏହି କାରଣରୁ ଭିନେଶଙ୍କୁ ଅଯୋଗ୍ୟ କରାଯାଇଥିଲା। ଓଜନ ହ୍ରାସ କରିବାକୁ ଭିନେଶ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଥିଲେ। କିନ୍ତୁ ସେ ସଫଳତା ପାଇଲେ ନାହିଁ। ବର୍ତ୍ତମାନ ଏହି ମାମଲା ସିଏଏସ୍ରେ ଥିବା ବେଳେ ୧୩ ତାରିଖରେ ଏହାର ଶୁଣାଣି କରାଯାଇ ନିଷ୍ପତ୍ତି ଆସିବ। ଯାହାକୁ ଅପେକ୍ଷା କରିଛି ପୂରା ଦେଶ ।

### ମଙ୍ଗଳବାର ଓ ବୁଧବାର ...

ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଜଗତସିଂହପୁର,ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଗୁରୁବାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେପଟେ ଜୁନ୍ ୧ ତାରିଖରୁ ଅଗଷ୍ଟ ୧୧ ତାରିଖ ଭିତରେ ୬୮୬.୮ ମିଲିମିଟର ବର୍ଷା ହେବା କଥା। କିନ୍ତୁ ହୋଇଛି ୬୩୦.୫ ମିଲିମିର ବର୍ଷା। ଅର୍ଥାତ ବର୍ତ୍ତମାନ ସୁଦ୍ଧା ୫୬.୩ ମିଲିମିଟର ବର୍ଷା କମ୍ ହୋଇଛି। ରାଜ୍ୟର ୯ ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ସେହି ଜିଲ୍ଲା ଗୁଡ଼ିକ ହେଲା- ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଝାରସୁଗୁଡା। ତେବେ ୧୬ ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ଜଗତସିଂହପୁର, କଟକ,ଖୋର୍ଦ୍ଧା, ଢେଙ୍କାନାଳ, ନୟାଗଡ଼,ଦେବଗଡ଼, ଅନୁଗୋଳ, ଗଞ୍ଜାମ,ଗଜପତି, କନ୍ଧମାଳ, ସମ୍ବଲପୁର, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ୪ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଏହି ୪ ଜିଲ୍ଲା ହେଲା କୋରାପୁଟ, ନୂଆପଡ଼ା, ସୋନପୁର ଓ ବୌଦ୍ଧ। ତେବେ ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକଠାରୁ ବହୁତ ଅଧିକବର୍ଷା ହୋଇଛି। ଏଠାରେ ୧୨୩୪.୩ ମିଲିମିଟର ବର୍ଷା ହୋଇଛି।

# ଜେଲରେ କେଜ୍ରିୱାଲ: ଆପ୍‌ର ପ୍ରଚାର ମଙ୍ଗ ଧରିବେ ସିସୋଦିଆ




ନୂଆଦିଲ୍ଲୀ, ୧୧/୮ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଜେଲରେ ଅଛନ୍ତି। ତାଙ୍କ ଅନୁପସ୍ଥିତିରେ ନିକଟରେ ଜେଲରୁ ବାହାରିଥିବା ଆପର ନମ୍ବର ୨ ନେତା ମନୀଷ ସିସୋଦିଆଙ୍କୁ ଗୁରୁଦାୟିତ୍ୱ ମିଳିବ। ନିକଟରେ ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ଓ ହରିୟାଣା ବିଧାନସଭା ନିର୍ବାଚର ପ୍ରଚାର ମଙ୍ଗ ସିସୋଦିଆ ଧରିବେ। ତାଙ୍କ ନେତୃତ୍ୱରେ ଆପ୍ ଦୁଇଟି ଯାକ ବିଧାନସଭା ନିର୍ବାଚନ ଲଢ଼ିବ ବୋଲି ଜଣାପଡ଼ିଛି। ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ଦୁର୍ନୀତି ଓ ମନି ଲଣ୍ଡରିଂ ମାମଲାରେ ସିସୋଦିଆ ଗିରଫ ହୋଇ ଜେଲରେ ଥିଲେ। ଦୀର୍ଘ ୧୭ ମାସ ପରେ ସେ ଶୁକ୍ରବାର ଜେଲରୁ ବେଲ ବଳରେ ମୁକୁଳିଛନ୍ତି। ଏହାପରେ ସେ ଆପର ପ୍ରଚାର ମଙ୍ଗ ଧରିବାକୁ ଯାଉଛନ୍ତି। ଏନେଇ ଆଜି ସିସୋଦିଆ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା ମଧ କରିବେ। ସନ୍ଧ୍ୟା ୬ଟାରେ ସିସୋଦିଆଙ୍କ ବାସଭବନରେ ବୈଠବ ବସିବ। ୧୭ ମାସ ତଳେ ସିସୋଦିଆ ଗିରଫ ହୋଇଥିବା ବେଳେ ନିକଟରେ କେଜ୍ରିୱାଲଙ୍କୁ ଜେଲ ଯିବାକୁ ପଡ଼ିଥିଲା। ଦଳର ଦୁଇ ହେଭିୱେଟ ନେତା ଜେଲରେ ଥିବାରୁ ଆପ୍ ସମାନ୍ୟ ଚିନ୍ତାରେ ରହିଥିଲା। କିନ୍ତୁ ସିସୋଦିଆ ଜେଲରୁ ବାହାରି ଥିବାରୁ ଏବେ ଆପକୁ କିଛିଟା ବଳ ମିଳିଛି। ଦିଲ୍ଲୀ ଓ ପଞ୍ଜାବରେ ଆପ୍ କ୍ଷମତାରେ ରହିଛି। ଏବେ ଦଳ ଚଳିତ ବର୍ଷ ଶେଷ ଭାଗରେ ଅନୁଷ୍ଠିତ ହେବାକୁ ଥିବା ହରିୟାଣା ବିଧାନସଭାରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛି। ଆପ୍ ହରିୟାଣର ସମସ୍ତ ୯୦ ଆସନରେ ଏକାକୀ ଲଢ଼ିବ ବୋଲି ଘୋଷଣା କରିଛି। ସେହିପରି ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୫ ଆରମ୍ଭରୁ ଅନୁଷ୍ଠିତ ହେବ। ସିସୋଦିଆ ହେଉଛନ୍ତି ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ। ୨୦୧୧ ଠାରୁ ସେ କେଜ୍ରିୱାଲଙ୍କ ସହ ଯୋଡ଼ି ହୋଇ ରହିଛନ୍ତି। ଜେଲ ଯିବା ପୂର୍ବରୁ ଦିଲ୍ଲୀର ୧୮ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସିସୋଦିଆ ସମ୍ଭାଳିଥିଲେ।

## ଜଙ୍ଗଲରୁ ମଣିଷ ଖପୁରି ଓ ହାଡ଼ ଉଦ୍ଧାର

ବରଗଡ଼, ୧୧/୮ (ନି.ପ୍ର): ଜଙ୍ଗଲରୁ ଖପୁରି ଓ ହାଡ଼ ଉଦ୍ଧାରକଲା ପୁଲିସ। ଏଘଟଣା ଘଟିଛି ବରଗଡ଼ ଜିଲ୍ଲା ପାଟପୁର ଥାନା ପଦ୍ମପୁର ପଞ୍ଚାୟତ ବୃନ୍ଦାବନପୁର ଗାଁ ନିକଟ ଜଙ୍ଗଲରେ। ଆଜି ସକାଳେ ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିଲେ। ସେଠାରେ ମଣିଷ ଖପୁରି ଓ ହାଡ଼ ପଡ଼ିଥିବାର ଦେଖିଥିଲେ। ଏନେଇ ସଙ୍ଗେସଙ୍ଗେ ପାଟପୁର ଥାନାକୁ ଜଣାଇଥିଲେ। ଖବର ପାଇ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଖପୁରି ଓ ହାଡ଼କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଖପୁରି ହାଡ଼ କାହାର ଓ କେମିତି ଏହି ଜଙ୍ଗଲ ନିକଟକୁ ଆସିଲା ଏନେଇ ସ୍ପଷ୍ଟ ହୋଇନାହିଁ। ଖପୁରି ହାଡ଼ ପଡ଼ିଥିବା କିଛି ଦୂରରେ ଏକ ସାଇକେଲ ପଡ଼ିଥିବା ଦେଖିବାକୁ ମିଳିଛି।

## ହର୍ ଘର୍ ତ୍ରିରଙ୍ଗା ପାଇଁ ପତାକା ପ୍ରସ୍ତୁତି ଶେଷ: ବଣ୍ଟନ ଆରମ୍ଭ

ଭଦ୍ରକ, ୧୧/୮ (ନି.ପ୍ର): ୭୮ ତମ ସ୍ୱାଧୀନତା ଦିବସ - ୨୦୨୪ ପାଳନ ଅବସରରେ ପାଳନ କରାଯାଉଥିବା ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପାଇଁ ଘରକୁ ଘର ତ୍ରିରଙ୍ଗା ପତାକା ବଣ୍ଟନ ନିମନ୍ତେ ମିଶନ ଶକ୍ତି ଜରିଆରେ ପତାକା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସରକାରୀ ନିର୍ଦ୍ଦେଶ ମତେ ମିଶନ ଶକ୍ତିର ବ୍ଲକ୍ ସ୍ତରୀୟ ଫେଡ଼େରେସନ ଜରିଆରେ ଟେଲରିଂ ୟୁନିଟ୍ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ପତାକା ତିଆରି ପାଇଁ ଆଦେଶ ଦିଆଯାଇଛି। ଜିଲ୍ଲାର ୭ଟି ବ୍ଲକ୍ ସହ ଚାନ୍ଦବାଲି-୨ କୁ ମଧ ଏହି ଦାୟୀତ୍ୱ ଅର୍ପଣ କରାଯାଇଛି। ସୂଚନା ଯୋଗ୍ୟ କି ଭଦ୍ରକ ଜିଲ୍ଲା ପାଇଁ ୨ ଲକ୍ଷ ପତାକା ତିଆରି ଧାର୍ଯ୍ୟ ଲକ୍ଷ୍ୟ ଥିବାରୁ ଏଥିପାଇଁ ବାସୁଦେବପୁର ବ୍ଲକ୍ ର ୧୬ଟି ଗୋଷ୍ଠୀକୁ ୩୫,୦୦୦, ଭଦ୍ରକ ବ୍ଲକ୍ର ୧୦ଟି ଗୋଷ୍ଠୀ କୁ ୪୦,୦୦୦, ଭଣ୍ଡାରୀପୋଖରୀ ବ୍ଲକ୍ ର ୨୦ ଟି ଗୋଷ୍ଠୀକୁ ୧୫,୦୦୦ ବନ୍ତ ବ୍ଲକ୍ ର ୨୪ ଟି ଗୋଷ୍ଠୀକୁ ୩୫,୦୦୦, ଚାନ୍ଦବାଲିରେ ୧ ର ୧୪ଟି ଗୋଷ୍ଠୀକୁ ୧୫,୦୦୦, ଚାନ୍ଦବାଲି -୨ କୁ ୧୬ ଟି ଗୋଷ୍ଠୀକୁ ୧୫,୦୦୦ ଏବଂ ତିହିଡ଼ିର ୬ଟି ଗୋଷ୍ଠୀକୁ ୨୦,୦୦୦ ସମୁଦାୟ ୧୧୭ ଟି ଗୋଷ୍ଠୀକୁ ୨ ଲକ୍ଷ ପତାକା ପ୍ରସ୍ତୁତି ପାଇଁ ଆଦେଶ ପ୍ରଦାନ କରାଯାଇଛି। ପୁଣି ଧାର୍ଯ୍ୟ



ଲକ୍ଷ୍ୟ ଠାରୁ ଅଧିକ ୩୩ ହଜାର ପତାକା ପ୍ରସ୍ତୁତି ପାଇଁ ସରକାରୀ ନିର୍ଦ୍ଦେଶ ଆସିଥିବାରୁ ସେଥିପାଇଁ ମଧ ପ୍ରସ୍ତୁତି କୁ ତ୍ୱରାନ୍ୱିତ କରାଯାଇଛି। ଅଗଷ୍ଟ ୧୨ ରୁ ବ୍ଲକ୍‌ରେ ବି.ଡ଼ି.ଓ. ଏବଂ ପୌରାଞ୍ଚଳରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କ ନେତୃତ୍ୱରେ ପତାକା ବଣ୍ଟନ କାର୍ଯ୍ୟ ଆରମ୍ଭ କରାଯିବାର ଯୋଜନା କରାଯାଇଛି। ଘରେ ଘରେ ଯେପରି ପତାକା ଉଡ଼ିବ ସେଥିପାଇଁ ବିଭିନ୍ନ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ହର୍ ଘର୍ ତ୍ରିରଙ୍ଗା ର ମାହୋଲ ସୃଷ୍ଟି ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ତ୍ରିରଙ୍ଗା ସାଇକେଲ ଓ ମୋଟର ସାଇକେଲ ରାଲି, ତ୍ରିରଙ୍ଗା ପଦଯାତ୍ରା, ତ୍ରିରଙ୍ଗା କନସର୍ଟ, ତ୍ରିରଙ୍ଗା କ୍ୟାନ୍‌ଭାସ୍, ସେଲ୍‌ଫି ପଏଣ୍ଟ ଆଦି କାର୍ଯ୍ୟକ୍ରମ ଆୟୋଜନ ନେଇ ମଧ ଯୋଜନା ପ୍ରସ୍ତୁତ କରାଯାଇଛି।

## ବାଂଲାଦେଶ ସଂକଟ ପରେ ବୁଲା ବିକାଳିଙ୍କ ଉପରେ ସରକାରଙ୍କ ଆଖି: ଖୁବଶୀଘ୍ର ଚିହ୍ନଟ ହେବେ ଅନୁପ୍ରବେଶକାରୀ

ବେତନଟୀ , ୧୧/୮ (ନି.ପ୍ର): ବେତନଟୀ ରାଜ୍ୟରେ ଚିହ୍ନଟ ହେବେ ଅନୁପ୍ରବେଶକାରୀ । ବାଂଲାଦେଶ ସଙ୍କଟ ପରେ ବୁଲା ବିକାଳିଙ୍କ ଉପରେ ନଜର ରଖିଛନ୍ତି ରାଜ୍ୟ ସରକାର । ଓଡ଼ିଶାରେ ବିଭିନ୍ନ କାମ କରୁଥିବା ଶ୍ରମିକ ଓ ବୁଲା ବିକାଳୀଙ୍କୁ ଖୁବଶୀଘ୍ର ଚିହ୍ନଟ କରାଯିବ । ଯେଉଁମାନଙ୍କ ପାଖରେ ପରିଚୟପତ୍ର ନଥିବ ସେମାନଙ୍କୁ ସ୍ୱଦେଶ ଫେରାଇଦିଆଯିବ । ଏନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜ୍ୟରେ ଅନୁପ୍ରବେଶକାରୀ ଚିନ୍ତା ବଢ଼ାଇଥିବା ବେଳେ ଏମାନଙ୍କୁ ସ୍ୱଦେଶ ଫେରାଇବାକୁ ପ୍ରକ୍ରିୟା ଆରମ୍ଭ କରାଯିବ । ଯେଉଁମାନେ ଶରଣାର୍ଥୀ ଭାବରେ ଆସିଛନ୍ତି ସେମାନେ ଅନ୍ତର୍ଭୁକ୍ତ । କିନ୍ତୁ ଯେଉଁମାନେ ବିଭିନ୍ନ ସମୟରେ କେବଳ ଅନୁସରଣ କରିବା ଉଦ୍ଦେଶ୍ୟରେ ଆସିଛନ୍ତି ସେମାନଙ୍କ ମଧ୍ୟରୁ କିଛି ବୁଲା ବିକାଳି ଭାବେ କାର୍ଯ୍ୟ କରୁଛନ୍ତି । ଏହି ବୁଲା ବିକାଳି ମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଦେଶକୁ ପଠାଇଦିଆଯିବ ।







❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo